## ସଂକ୍ଷେପରେ

### ଲୁହା ଏଙ୍ଗଲ ଚୋରି, ୪ ଗିରଫ

**ରାଉରକେଲା ଅଫିସ,୧୦।୪:** ଏକ ଫ୍ୟାକ୍ଟ୍ରିରୁ ଲୁହା ଏଙ୍ଗଲ ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଦବ୍ୟାସ ମନ୍ଦିର ରୋଡ୍ ଅଞ୍ଚଳର ଜୀବନ ସୋରେନ, ମୁକେଶ ଗୋପ, ଅର୍ଜୁନ ଭେଙ୍ଗରା ଓ ଅନୀଲ ଡୁଙ୍ଗଡୁଙ୍ଗ। ସେମାନଙ୍କଠାରୁ ୮ଟି ଲୁହା ଏଙ୍ଗଲ ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୮୨।୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ରେଲୱେ ଓଭରବ୍ରିଜ ନିକଟ ରାଉରକେଲା ଷ୍ଟିଲ କର୍ପୋରେଶନ ଫ୍ୟାକ୍ଟ୍ରିରୁ ରବିବାର ବିଳମ୍ବିତ ରାତିରେ ଲୁହା ଏଙ୍ଗଲ ଚୋରି ହୋଇଥିଲା। ଏ ନେଇ ଫ୍ୟାକ୍ଟ୍ରି ମାଲିକ ସୁନିଲ ଅଗ୍ରୱାଲ ଥାନାରେ ଅଭିଯୋଗ କରିଥିଲେ।

### ସ୍କ୍ରାପ୍ ଚୋରି ଅଭିଯୋଗ, ଜଣେ ଗିରଫ

**ରାଉରକେଲା ଅଫିସ,୧୦।୪:** ରାଉରକେଲା ଇସ୍ପାତ କାରଖାନା ଭିତରୁ ସ୍କ୍ରାପ୍ ଚୋରି କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଓଗାଁ ଅଞ୍ଚଳର ଶିବୁ ମୁଣ୍ଡାରୀ(୩୨)। ତାଙ୍କଠାରୁ ୪୦ କେଜି ସ୍କ୍ରାପ୍ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୬୦।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଦେଓଗାଁ ମୁଣ୍ଡାରୀ ବସ୍ତିର ଶିବୁ ରବିବାର ବିଳମ୍ବିତ ରାତିରେ ଆର୍ଏସ୍‌ପି ପାଚେରି ଡେଇଁ ଷ୍ଟକିୟାର୍ଡରୁ ଆଇରନ ସ୍କ୍ରାପ ଚୋରି କରି ଫେରାର ହେଉଥିଲା ବେଳେ ସିଆଇଏସ୍ଏଫ୍ ଯବାନମାନେ ତାଙ୍କୁ କାବୁ କରି ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ

**ରାଉରକେଲା ଅଫିସ,୧୦।୪:** ଜଣେ ମହିଳାଙ୍କୁ ବଳତ୍କାର ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅର୍ଜୁନ ଏକ୍କା(୬୫)। ପୋଲିସ ଏକ ମାମଲା (ନଂ.୮୧।୨୩) ରୁଜୁ କରି ଅର୍ଜୁନଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ସିଲଙ୍ଗା ଅଞ୍ଚଳର ଅର୍ଜୁନ ଗତ ୬ ତାରିଖ ସନ୍ଧ୍ୟା ୮ଟାରେ ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ।

### ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଜବତ

**ଲାଞ୍ଜିଗଡ଼,୧୦।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ଗାଁର କୁନ୍ତ ମାଝି ନାମକ ଜଣେ ଛାତ୍ରଙ୍କ ମୃତଦେହ ସୋମବାର ରାୟଗଡା ଜିଲା ପୁରୁଣା ଅମ୍ବାଦଲା ନିକଟ ରେଳଧାରଣାରୁ ଜବତ କରାଯାଇଛି। ଅମ୍ବାଦଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ରେଲୱେ ଅଧୀନରେ ମାମଲା ଆସୁଥିବାରୁ ରେଲୱେ ପୋଲିସକୁ ହସ୍ତାନ୍ତର କରାଯାଇଛି। ରେଲୱେ ପୋଲିସ ମୃତଦେହ ଜବତ କରି ମୁନିଗୁଡାଠାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ମୃତକଙ୍କ ବଡଭାଇ ରାମ ମାଝି ତାଙ୍କ ଭାଇଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗି ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି।

# ବାର୍ଷିକ ଅଶୋଧିତ ଇସ୍ପାତ ଉତ୍ପାଦନ ୪ ନିୟୁତ ଟନ୍ ଅତିକ୍ରମ କଲା

**ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ**

ରାଉରକେଲା ଅଫିସ,୧୦।୪

ଆର୍ଏସ୍‌ପି ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ବିବିଧ ରେକର୍ଡ ସହ ୨୦୨୨-୨୩ ଆର୍ଥିକ ଶେଷ ହୋଇଛି। ଗତ ଆର୍ଥିକ ବର୍ଷରେ ଇସ୍ପାତ କାରଖାନାର ଇତିହାସରେ ପ୍ରଥମ ଥର ପାଇଁ ୪ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ରେଖା ଅତିକ୍ରମ କରିଛି। ଉକ୍ତ ଆର୍ଥିକ ବର୍ଷରେ ଆର୍ଏସ୍‌ପି ପକ୍ଷରୁ ୪୦୩୮୯୭୭ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ କରିଛି। ଏହାସହ ପୂର୍ବ ଆର୍ଥିକ ବର୍ଷର ସର୍ବଶ୍ରେଷ୍ଠ ୩୯୮୭୨୫୯ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଏହି ସଫଳତା ହାସଲରେ ପ୍ରମୁଖ ଭାବରେ ଯୋଗଦାନ ଦେଇଛି। ବ୍ଲାଷ୍ଟ ଫର୍ନେସ-୫ରୁ ହଟ୍ ମେଟାଲ ଉତ୍ପାଦନ ମଧ୍ୟ ଗତ ଆର୍ଥିକ ବର୍ଷରେ ସର୍ବୋଚ୍ଚ ସ୍ତର ୨୭୬୪୨୭୫ ଟନ୍‌କୁ ଛୁଇଁଥିଲା। ଯାହାକି ୨୦୧୬-୧୭ର ପୂର୍ବ ଶ୍ରେଷ୍ଠ ୨୭୫୭୧୯୦ଟନ୍ ରେଖାକୁ ଅତିକ୍ରମ କରିଥିଲା। ସେହିପରି ବିକ୍ରି ଯୋଗ୍ୟ ଇସ୍ପାତ ଉତ୍ପାଦନରେ ମଧ୍ୟ ବିଗତ ଆର୍ଥିକ ବର୍ଷରେ ୩୭୭୨୮୪୭ ଟନ୍ ରେକର୍ଡ ସ୍ତର ହାସଲ ହୋଇପାରିଛି। ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏହାର ସର୍ବକାଳୀନ ଶ୍ରେଷ୍ଠ ୧୭୭୩୨୪୩ ଟନ୍ ଏଚ୍ଆର କଏଲ ଉତ୍ପାଦନ କରି ଫିନ୍‌ସିଂ ମିଲ୍‌ଗୁଡିକର ନେତୃତ୍ୱ ନେଇଥିଲା। ଏହି ଧାରା ବିକ୍ରିଯୋଗ୍ୟ ଇସ୍ପାତ ଚାଲାଣରେ ମଧ୍ୟ ପ୍ରତିଫଳିତ ହୋଇଥିଲା ଓ ୨୦୨୨-୨୩ଆର୍ଥିକ ବର୍ଷରେ ଆର୍ଏସ୍‌ପି ସର୍ବକାଳୀନ ଶ୍ରେଷ୍ଠ ୩୭୭୧୨୭୦ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଚାଲାଣ କରିଥିଲା। ସିଣ୍ଟରିଂ ପ୍ଲାଣ୍ଟଗୁଡିକ ମଧ୍ୟ ସମଧାରାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ୭୦୧୨୦୦୩ ଟନ୍ ସିଣ୍ଟର ଉତ୍ପାଦନ କରିବା ସହ ଯେକୌଣସି ଆର୍ଥିକ ବର୍ଷ ସର୍ବୋତ୍ତମ ପ୍ରଦର୍ଶନ ହାସଲ କରିଥିଲା। ସେହିପରି ହାରାହାରି ୯୦.୧ ପୁସିଂ ହାସଲ ପୂର୍ବକ କୋକ୍ ଓଭେନ ବ୍ୟାଟେରୀ-୬ ଏହାର ସର୍ବଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ହାସଲ କରିଥିଲା। ଗତ ଆର୍ଥିକବର୍ଷରେ ଆର୍ଏସ୍‌ପି ୧୦୦ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନର ପ୍ରମୁଖ ମାଇଲଖୁଣ୍ଟ ମଧ୍ୟ ଅତିକ୍ରମ କରିଛି।

# ହାୱଡା-ମୁମ୍ବାଇ ରେଳ ଚଳାଚଳ ସ୍ୱାଭାବିକ ହେଲା

ରାଉରକେଲା ଅଫିସ,୧୦।୪

ଦେଶର ପ୍ରମୁଖ ରେଳପଥ ଭାବେ ପରିଚିତ ହାୱଡା-ମୁମ୍ବାଇ ରେଳ ଚଳାଚଳ ସୋମବାର ସ୍ୱାଭାବିକ ହୋଇଛି। ଗତ ୫ତାରିଖରୁ ଏହି ରେଳପଥର ଖଡଗପୁର ଡିଭିଜନ ଏବଂ ଆଦ୍ରା ଡିଭିଜନ ଅନ୍ତର୍ଗତ ଦୁଇଟି ସ୍ଥାନରେ କୁଡ୍‌ମ ସମାଜ ପକ୍ଷରୁ ଆନ୍ଦୋଳନ ଯୋଗୁ ସମୁଦାୟ ୩୫୦ଟି ଟ୍ରେନ୍ ବାତିଲ ହୋଇଥିଲା। କେତେକ ଟ୍ରେନ୍ ଚଳାଚଳ ମଧ୍ୟ ଆଂଶିକ ବାତିଲ ହୋଇଥିଲା। ମାତ୍ର ରବିବାର ଉଭୟ ସ୍ଥାନରୁ ଆନ୍ଦୋଳନକାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିବାରୁ ବର୍ତ୍ତମାନ ଧୀରେ ଧୀରେ ହାୱଡା-ମୁମ୍ବାଇ ରେଳପଥରେ ଟ୍ରେନ ଚଳାଚଳ ସ୍ୱାଭାବିକ ହେବାରେ ଲାଗିଛି। ଏହି କ୍ରମରେ ଅହମଦାବାଦ ଏକ୍ସପ୍ରେସ, ହାୱଡା ଟିଟିଲାଗଡ ଏକ୍ସପ୍ରେସ, ସାଲିମାର-ଏଲଟିଟି ଏକ୍ସପ୍ରେସ ଓ ଗୀତାଞ୍ଜଳି ଏକ୍ସପ୍ରେସ ଆଦି ଟ୍ରେନ୍‌ଗୁଡିକ ରାଉରକେଲା ରେଳ ଷ୍ଟେଶନ ଦେଇ ସୋମବାରଠାରୁ ଯାତାୟାତ କରିଛନ୍ତି। ଏ ନେଇ ରାଉରକେଲା ରେଲୱେ ଷ୍ଟେଶନର ମୁଖ୍ୟ ପରିଚାଳକ ପ୍ରଭାତ ଦାସ କହିଛନ୍ତି, ୫ଦିନ ବ୍ୟାପୀ ଆନ୍ଦୋଳନ ଯୋଗୁ ଟ୍ରେନ ଚଳାଚଳରେ ଅସୁବିଧା ହୋଇଥିଲା। ସୋମବାରଠାରୁ ରେଳ ଚଳାଚଳ ସୁଗମ ହୋଇଥିବା ଦକ୍ଷିଣପୂର୍ବ ରେଲୱେ ପକ୍ଷରୁ ସୂଚନା ଜାରି ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ରାଉରକେଲା ରେଳ ଷ୍ଟେଶନ ଦେଇ ସମସ୍ତ ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ସେ କହିଥିଲେ।



ରାଉରକେଲା ଷ୍ଟେଶନ ଦେଇ ଟ୍ରେନ ଚଳାଚଳ କରୁଛି।

# ଆଜି ରାଜ୍ୟପାଳଙ୍କ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍,୧୦।୪

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଦେଇଥିବା ସୂଚନା ଅନୁଯାୟୀ, ରାଜ୍ୟପାଳ ଚୋପର୍ ଯୋଗେ ଆସି ସକାଳ ୯ଟା ୪୫ମିନିଟ୍‌ରେ ପାଇକମାଳ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ୯ଟା ୫୦ମିନିଟ୍‌ରେ ସେଠାରୁ କାର୍ ଯୋଗେ ବାହାରି ଦିନ ୧୦ଟାରେ ଯମୁନା କନ୍ଧୁଣୀ ହାଇସ୍କୁଲକୁ ଯାଇ ରୌପ୍ୟ ଜୟନ୍ତୀ ପାଳନ ସମାରୋହରେ ଯୋଗଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ୧୦ଟା ୪୫ମିନିଟ୍‌ରେ ପୁଣି ସେଠାକାର ହେଲିପ୍ୟାଡ୍‌ରେ ୧୦ଟା ୫୫ମିନିଟ୍‌ରେ ପହଞ୍ଚିବେ। ସେଠାରୁ ଦିନ ୧୧ଟାରେ ଚୋପର୍ ଯୋଗେ ବିଜେପୁର ଅଭିମୁଖେ ବାହାରିବେ ଏବଂ ଦିନ ୧୧ଟା ୪୦ମିନିଟ୍‌ରେ ବିଜେପୁର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ୧୧ଟା ୪୫ମିନିଟ୍‌ରେ ବିଜେପୁର ହେଲିପ୍ୟାଡ୍‌ରୁ କାର୍ ଯୋଗେ ବାହାରି ସମଲେଇପଦର ସରକାରୀ ୟୁ.ଜି. ହାଇସ୍କୁଲର ଶତବାର୍ଷିକୀ ସମାରୋହରେ ଯୋଗଦେବେ । ସେଠାକାର କାର୍ଯ୍ୟକ୍ରମ ସରିବା ପରେ ମଧ୍ୟାହ୍ନ ୧୨ଟା ୩୫ମିନିଟ୍‌ରେ ରାଜ୍ୟପାଳ ତୁଲଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ଅଭିମୁଖେ ଯାଇ ଦିନ ୧ଟା ୧୦ମିନିଟ୍‌ରେ ସେଠାକାର ସମାରୋହରେ ଯୋଗଦେବେ। ସେଠାରେ ରାଜ୍ୟପାଳ କାର୍ଯ୍ୟକ୍ରମ ସାରି କାର୍ ଯୋଗେ ବାହାରି ୨ଟା ୩୦ମିନିଟ୍‌ରେ ବିଜେପୁର ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ଚୋପର୍ ଯୋଗେ ଦିନ ୨ଟା ୩୫ମିନିଟ୍‌ରେ ବାହାରି ୨ଟା ୫୫ମିନିଟ୍‌ରେ ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନରେ ପହଞ୍ଚି ବିକାଶ ସୋସିଆଲ ୱେଲଫେୟାର ଆଣ୍ଡ କମ୍ୟୁନିଟି ସ୍କୁଲ ବିଲ୍ଡିଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୪ଟା ୧୫ମିନିଟ୍‌ରେ ରାଜ୍ୟପାଳ ଚୋପର ଯୋଗେ ବୁର୍ଲା ଏମ୍‌ସିଏଲ ହେଲିପ୍ୟାଡ୍‌କୁ ଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ମନୋଜ ଦାଶଙ୍କ ସ୍ମୃତିରେ ସାହିତ୍ୟ ଆସର



ଅତିଥିମାନେ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ରାଉରକେଲା ଅଫିସ,୧୦।୪

ରାଉରକେଲା ସେକ୍ଟର-୭ ସ୍ଥିତ ଇସ୍ପାତ ସାହିତ୍ୟ ସଂସଦ ସଭାଗୃହରେ ରବିବାର ମନୋଜ ଦାଶଙ୍କ ସ୍ମୃତିରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ବ୍ରଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ରିମ୍ସର ଅଧକ୍ଷା ନଳିନୀପ୍ରଭା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମନୋଜ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ କରୁଣାକର ପାଢଶାଣୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମନୋଜ ଦାସଙ୍କ କଥା ସାହିତ୍ୟରେ ଆତ୍ମିକ ବିଚାର ଉପରେ ଆଲୋଚନା କରିଥିଲେ। କନକଲତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ମନୋଜ ନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁବ ଗାଳ୍ପିକ ରଶ୍ମି ରମଣ ନନ୍ଦଙ୍କ ଶିଶୁ ଗଳ୍ପ ଆଧାରିତ ସଙ୍କଳନ ପୁସ୍ତିକା 'କଥା କୌତୁକ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ପୁସ୍ତିକାଟି ନିକଟରେ ରାଜ୍ୟ ଶିକ୍ଷକ ପୁରସ୍କାରପ୍ରାପ୍ତ କରିଥିବାରୁ ଶିକ୍ଷୟିତ୍ରୀ ବିଜୟନୀ ଜେନାଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ପ୍ରଶାନ୍ତ ପତି ଓ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପର୍ଯ୍ୟାୟରେ ଅଣୁ ଗଳ୍ପ ପାଠର ଆସର ଜମିଥିଲା। ସଦସ୍ୟ ଲକ୍ଷ୍ମଣନାଥ ଦାସ, ଉପସଭାନେତ୍ରୀ ରଶ୍ମିବାଳା ରାଉତରାୟ, ବିକ୍ରମ ଆଚାର୍ଯ୍ୟ ଓ ପୁଷ୍ପାରାଣୀ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରକାଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଏବଂ ସାହିତ୍ୟିକ ଯୋଗ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଗଜପତି


@ ବିବୁଲ


@ ସାହିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେରିଗଲା ୧୪୪ ଏକ୍ସ କ୍ୟାଡର ଶିକ୍ଷକଙ୍କ ଦରମା

**ବିଶ୍ରା ବ୍ଲକ**

ରାଉରକେଲା ଅଫିସ,୧୦।୪

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକରେ କାର୍ଯ୍ୟରତ ୧୪୪ଜଣ ଏକ୍ସ କ୍ୟାଡର ଶିକ୍ଷକଙ୍କ ମାର୍ଚ୍ଚ ମାସର ଦରମା ଗତ ମାର୍ଚ୍ଚ ୩୧ ତାରିଖରେ ଫେରିଯାଇଛି। ବିଇଓଙ୍କ କାର୍ଯ୍ୟାଳୟରେ ମନମୁଖି କାର୍ଯ୍ୟ ଯୋଗୁ ଏହି ଟଙ୍କା ଫେରିଯାଇଥିବା ଉକ୍ତ ଏକ୍ସ କ୍ୟାଡ଼ର ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଦରମା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅନୁଦାନ ଯୋଗାଇ ଦେଇଥାନ୍ତି। ଏହି ହିସାବରେ ଏକ୍ସ କ୍ୟାଡ଼ର ଶିକ୍ଷକମାନେ ପ୍ରତି ମାସରେ ଦରମା ପାଇଥାନ୍ତି। ମାତ୍ର ରାଜ୍ୟର ମୋଟ ୧୬ଟି ଜିଲାରେ କାର୍ଯ୍ୟରତ ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ମାର୍ଚ୍ଚ ମାସର ଦରମା ମିଳିସାରିଥିବା ବେଳେ ବିଶ୍ରା ବ୍ଲକର ୧୪୪ଜଣ ଶିକ୍ଷକଙ୍କୁ ଏଯାଏ ମିଳିନାହିଁ। ବିଇଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ମାର୍ଚ୍ଚ ୩୧ତାରିଖରେ ଶିକ୍ଷକମାନଙ୍କ ଦରମା ଟଙ୍କା ଫେରିଯାଇଥିବା ଜଣାପଡିବା ପରେ ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ଶିକ୍ଷକ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ସେ କହିଲେ, ବିଇଓ କାର୍ଯ୍ୟାଳୟର ମୁଖ୍ୟ ଆକାଉଣ୍ଟାଣ୍ଟ ମେଡିକାଲ ଛୁଟିରେ ଅଛନ୍ତି। ଅନ୍ୟ ଜଣେ ଆକାଉଣ୍ଟାଣ୍ଟ ବୁଧବାର ଆସିଲେ ଦରମା ପ୍ରଦାନ କାମ ହୋଇଯିବ ବୋଲି ଦାଶ କହିଥିଲେ।

# ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସାମିଲ ହେଲେ ୭୫୦ ଯୁବ ଖେଳାଳି**

ରାଉରକେଲା ଅଫିସ,୧୦।୪

ରାଉରକେଲା ଜାତୀୟ ହକି ଷ୍ଟାଡିୟମରେ ସୋମବାର ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ହକି ଖେଳାଳୀ ପିଟର ତିର୍କୀ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଂଗ୍ରାମ କେଶରୀ ବେହେରା ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ କାଳୁଚରଣ ଚୌଧୁରୀ ପତାକା ଦେଖାଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ବାଳିକା ବାଳକ ବର୍ଗର ପ୍ରାୟ ୭୫୦ରୁ ଉର୍ଦ୍ଧ୍ୱ ହକି ଖେଳାଳି ସାମିଲ ହେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ୧୧ରୁ ୨୨ତାରିଖ ପର୍ଯ୍ୟନ୍ତ ୧୨ଦିନ ବ୍ୟାପୀ ଅନୁଷ୍ଠିତ ହେବ। ରାଉରକେଲାରେ ଏଭଳି ପ୍ରଶିକ୍ଷଣ ଶିବିର ପ୍ରଥରଥର ପାଇଁ ହେଉଥିବା ବେଳେ ଅଲିମ୍ପିୟାନ ଲାଜୁରସ ବାର୍ଲା, ପ୍ରଫୁଲ୍ଲ ତିର୍କୀ, ରାଜେନ ଏକ୍କା ପ୍ରମୁଖ ଶିବିରର ତଦାରଖ କରିବା ସହିତ ପ୍ରତିଭାଶାଳୀ ହକି ଖେଳାଳିଙ୍କୁ ଚୟନ କରିବେ। ପ୍ରଶିକ୍ଷଣ ନିମନ୍ତେ ରାଜ୍ୟସ୍ତରୀୟ ହକି କୋଚ୍‌ମାନଙ୍କୁ ନିୟୋଜିତ କରିବା ଲାଗି ସ୍ଥିର ହୋଇଛି ବୋଲି ନିର୍ଦ୍ଦେଶକ ଚୌଧୁରୀ କହିଛନ୍ତି। ପରେ ଅତିଥିମାନେ ସମରକ୍ୟାମ୍ପ ୨୦୨୩ ଲିଖିତ ଟି-ସାର୍ଟ ପ୍ରଦର୍ଶନ କରିଥିଲେ।



ଅତିଥିମାନେ ଟି-ଶାର୍ଟ ପ୍ରଦର୍ଶନ କରୁଛନ୍ତି।

# ଆକର୍ଷଣ ସାଜିଲା ଆଦିବାସୀ ନୃତ୍ୟ

**ଆଦି ମହୋତ୍ସବର ତୃତୀୟ ଦିବସ**

ରାଉରକେଲା ଅଫିସ,୧୦।୪

ରାଉରକେଲାରେ ଆୟୋଜିତ ଆଦିବାସୀଙ୍କ କଳା ଓ ସଂସ୍କୃତିର ପର୍ବ ଆଦି ମହୋତ୍ସବ ତୃତୀୟ ଦିବସରେ ପଦାର୍ପଣ କରିଛି। ଏହି ମହୋତ୍ସବକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗତ ୮ତାରିଖ ମହୋତ୍ସବରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଏବଂ ଆର୍ଏସ୍‌ପି କାର୍ଯ୍ୟ ବିଭାଗର ଇଡି ଏସ୍. ଆର୍. ସୂର୍ଯ୍ୟବଂଶୀ ସମ୍ମାନୀତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ୯ ତାରିଖ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ଆଞ୍ଚଳିକ ଶ୍ରମ ଆୟୁକ୍ତ ଏସ୍. କେ. ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମହୋତ୍ସବରେ ଲାଗିଥିବା ଷ୍ଟଲଗୁଡିକ ପରିଦର୍ଶନ କରି ସଂସ୍କୃତି, ପରମ୍ପରା, କଳା ଏବଂ ହସ୍ତଶିଳ୍ପ ଦୃଷ୍ଟିରୁ ମେଳାକୁ ପ୍ରଶଂସା କରିଥିଲେ। ଅତିଥିମାନେ ଉଦ୍ୟୋଗୀମାନଙ୍କ ଆର୍ଥିକ ସଶକ୍ତୀକରଣ ପ୍ରୟାସରେ ରାଉରକେଲାକୁ ସହଯୋଗ ଦେବା ପାଇଁ ଅନୁରୋଧ କରିଥିଲେ। ଶନିବାର ଏବଂ ରବିବାର ସାଂସ୍କୃତିକ ସନ୍ଧ୍ୟାରେ ସୁନ୍ଦରଗଡ଼ର ଆଦିବାସୀ ଗୋଷ୍ଠୀଙ୍କ କରମା ଯାତ୍ରା ଓ ଦମକଚ ନୃତ୍ୟ ସହିତ ଚାଙ୍ଗୁ ଏବଂ ବିହା ନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାର୍କେଟିଂ ମୁଖ୍ୟ ଦେବାଶିଷ ଧଳ ଓ ଟ୍ରାଇଫେଡ ଆଞ୍ଚଳିକ ପରିଚାଳକ ରାହୁଲ କୁମାର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁଶ୍ରୀ ଜ୍ୟୋସ୍ନାରାଣୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସାଂସ୍କୃତିକ ସନ୍ଧ୍ୟାରେ ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦାନ କରିଛନ୍ତି। କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

ଦେବଗଡ଼,୧୦।୪(ଡି.ଏନ.ଏ.): ଦେବଗଡ଼ ଥାନା ଅନ୍ତର୍ଗତ ଧୋବଲିପଥର ଗ୍ରାମରେ ଥିବା ଏକ ପୋଖରୀରୁ ସୋମବାର ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ଧୋବଲିପଥର ରାସ୍ତା କଡରେ ଥିବା ପୋଖରୀରେ ଉକ୍ତ ଗ୍ରାମର ଅରୁଣ ବେହେରା (୩୫)ଙ୍କ ମୃତଦେହ ଭାସୁଥିବା କେତେକ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ପରିବାର ଲୋକଙ୍କୁ ଜଣାଇବା ସହ ପୋଖରୀ ମଧ୍ୟରୁ ଅରୁଣଙ୍କର ମୃତଦେହ ଉଦ୍ଧାର କରି ପୋଖରୀ ହୁଡାକୁ ଆଣିଥିଲେ। ପରିବାର ଲୋକେ ଏନେଇ ଦେବଗଡ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କେଉଁ ପରିସ୍ଥିତିରେ ଏବଂ କିଭଳି ଭାବେ ଅରୁଣଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ଭାବେ ଜଣାପଡିନାହିଁ।

### ମୋଟରସାଇକେଲ ଗ୍ୟାରେଜରେ ଅଗ୍ନିକାଣ୍ଡ

ରାଜଗାଙ୍ଗପୁର, ୧୦।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଡୁଡି ଭଗତଟୋଲାର ଶକ୍ତି ଛକରେ ଥିବା ଏକ ମୋଟରସାଇକେଲ ଗ୍ୟାରେଜରେ ଅଗ୍ନିକାଣ୍ଡ ଘଟି କେତେଗୁଡିଏ ମୋଟରସାଇକେଲ ଜଳି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ ଜଗଦୀଶ ପ୍ରସାଦଙ୍କର ଏହି ଗ୍ୟାରେଜରେ,ଗ୍ୟାରେଜ ଭିତରେ କିଛି ମୋଟରସାଇକଲ ଥିଲା। ଗ୍ୟାରେଜ ବାହାରେ ମଧ୍ୟ କିଛି ମୋଟରସାଇକେଲ ଥିଲା। ରବିବାର ରାତିରେ ସେ ଗ୍ୟାରେଜ ବନ୍ଦ କରି ଘରକୁ ଯିବା ପରେ ବାହାରେ ଥିବା ମୋଟରସାଇକେଲଗୁଡିକ କୌଣସି କାରଣରୁ ଜଳିବା ଆରମ୍ଭ କରିଥିଲା। ଆଖପାଖ ଲୋକଙ୍କ ସହାୟତାରେ ତଥା ଦମକଳବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ସଂକ୍ରାନ୍ତରେ ସୋମବାର ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରହିଛି। କିଭଳି ଭାବରେ ନିଆଁ ଲାଗି ଯାଇଥିଲା ଓ କେତୋଟି ମୋଟରସାଇକେଲ ଜଳିଯାଇଛି ତାହା ତଦନ୍ତ ପରେ ଜଣାପଡ଼ିବ।

# ପ୍ରେମିକ, ସହଯୋଗୀ ଗିରଫ

- ସିନ ରିକ୍ରିଏସନ କଲା ପୋଲିସ
- ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଯୁବତୀଙ୍କୁ ହତ୍ୟା ଘଟଣା

ଦେବଗଡ଼, ୧୦।୪(ଡି.ଏନ୍.ଏ.)

ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ ରୀତା ସାହୁଙ୍କୁ ଛୁରାମାଡ ଓ ପଥରରେ ଛେଚି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ଦେବଗଡ଼ ଆଦର୍ଶ ଥାନା ପୋଲିସ। ହତ୍ୟାକାରୀ ସମ୍ବଲପୁର ଜିଲା ରେଙ୍ଗାଲୀ ଥାନା ପଣ୍ଡଲୋଇ ଗ୍ରାମର ଅଶ୍ୱିନୀ ସାହୁ ଓ ତାଙ୍କ ସହଯୋଗୀ ଅଇଁଠାପାଲି ଥାନା ଦାନୀପାଲି ଅଞ୍ଚଳର ଚେରୁ ଓରଫ ଶ୍ୟାମ ଖେଡିଆଙ୍କୁ ସୋମବାର ଗିରଫ କରିଛି। ଅଶ୍ୱିନୀ ପୂର୍ବରୁ ରୀତାଙ୍କୁ ଭଲ ପାଉଥିଲେ ବୋଲି ଜଣାପଡ଼ିଛି। ଅପରାହ୍ନରେ ଉଭୟଙ୍କୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଘଟଣାସ୍ଥଳ ଏବଂ ଆଖପାଖ ଅଞ୍ଚଳକୁ ନିଆଯାଇଥିଲା। ସେମାନେ କିଭଳି ଭାବେ ଏହି ଜଘନ୍ୟକାଣ୍ଡ ଘଟାଇଲେ, ହତ୍ୟାକାଣ୍ଡର ପ୍ରସ୍ତୁତି କିଭଳି ଥିଲା ଓ ସେମାନେ କେମିତି ଫେରାର୍ ହେଲେ ସେନେଇ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ସିନ ରିକ୍ରିଏସନ କରାଯାଇଥିଲା। ଏହି ସମୟରେ ଅଶ୍ୱିନୀ ଓ ଶ୍ୟାମ ସମଗ୍ର ଘଟଣାବଳୀ ବର୍ଣ୍ଣନା କରିଥିଲେ। ସିନ ରିକ୍ରିଏସନ ସମୟରେ ଏସ୍‌ଡ଼ିପିଓ



ଗିରଫ ଦୁଇ ଅଭିଯୁକ୍ତ ଓ ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ।

ଅନିଲ କୁମାର ବେଉରା, ତଦନ୍ତକାରୀ ଅଧିକାରୀ ତଥା ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ଇନ୍ସପେକ୍ଟର ସରୋଜ କୁମାର ସେଠୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ମୃତା ରୀତା ସାହୁଙ୍କ ମା’ ମଞ୍ଜୁ ଦେବୀ, ବଡ ଭଉଣୀ ରିଙ୍କି ସାହୁ ଓ ବଡଭାଇ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଦେବଗଡ଼ ପ୍ରଧାନପାଟ ରାସ୍ତାରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଭାରତ ଫାଇନାନ୍ସରେ କିଛିମାସ ପୂର୍ବେ ଯୋଗ ଦେଇଥିବା ସମ୍ବଲପୁର ଜିଲା କୁଚିଣ୍ଡାର ରୀତା ସାହୁ ନାମ୍ନୀ ଜଣେ ଯୁବତୀଙ୍କୁ ଗତ ୪ ତାରିଖ ରାତି ପ୍ରାୟ ୧୧ଟାରେ ହତ୍ୟା କରାଯାଇଥିଲା। ଅଫିସ କାର୍ଯ୍ୟ ସାରି ଭଡା ଘରକୁ ଫେରିବାକୁ ଉଦ୍ୟମ କରୁଥିବା ବେଳେ ୨ଜଣ ତାଙ୍କୁ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ପରେ ମୁଣ୍ଡକୁ ପଥରରେ ଛେଚି ଫେରାର୍ ହୋଇଯାଇଥିଲେ। ପୂର୍ବରୁ ରୀତାଙ୍କ ଅଶ୍ୱିନୀ ସହିତ ପ୍ରେମ ସମ୍ପର୍କ ରହିଥିଲା ଓ ପରବର୍ତ୍ତୀ ସମୟରେ ରୀତା ଦୂରେଇ ଯିବାରୁ ଅଶ୍ୱିନୀ ପ୍ରତିଶୋଧ ନେବା ପାଇଁ ଶ୍ୟାମ ସହିତ ମିଶି ହତ୍ୟା କରିଥିବା ଜଣାପଡିଥିଲା। ସୂଚନାଯୋଗ୍ୟଯେ, ଗିରଫ ଶ୍ୟାମ ଖଡିଆ ନାମରେ ସମ୍ବଲପୁର ଅଇଁଠାପାଲି ଥାନା ସମେତ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରହିଛି। ଏପରିକି ଏକ ହତ୍ୟା ଉଦ୍ୟମ ମାମଲାରେ ସେ ଅଦାଲତ ଦ୍ୱାରା ଦଣ୍ଡିତ ମଧ୍ୟ ହୋଇ ସାରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ସରଡେଗା-ପଥଲଗାଁଓ-ଅମ୍ବିକାପୁର ନୂତନ ରେଳପଥ ନେଇ ସୁନ୍ଦରଗଡ଼ବାସୀ ଆଶାବାଦୀ



ରେଳମନ୍ତ୍ରୀଙ୍କୁ ଭେଟୁଛନ୍ତି ବିଧାୟିକା।

ସୁନ୍ଦରଗଡ଼,୧୦।୪(ଡି.ଏନ.ଏ.)

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ସୁନ୍ଦରଗଡ ଜିଲା ସଦର ମହକୁମାକୁ ପହଞ୍ଚି ପାରିନାହିଁ ରେଳ ସେବା। ରେଳସେବା ପାଇଁ ଜିଲା ସଦରମହକୁମା ସୁନ୍ଦରଗଡ଼ବାସୀ ୩୦କିମି ଦୂର ଝାରସୁଗୁଡା ରେଳଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଦେଇ ପ୍ରସ୍ତାବିତ ରେଳପଥ ନେଇ ଜିଲାବାସୀ ଦୀର୍ଘ ଦିନରୁ ଆଶାବାଦୀ। ଜିଲାବାସୀଙ୍କ ଝାରସୁଗୁଡା ଠାରୁ ଅମ୍ବିକାପୁର ରେଳପଥ ନିର୍ମାଣ ପାଇଁ ଦୀର୍ଘ ଦିନର ଦାବି ରହି ଆସିଛି। ଓଡିଶାରୁ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ନେବା ଦିନରୁ ଏହି ଆଶା ବଢ଼ିବାରେ ଲାଗିଛି। ଏହି କ୍ରମରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ୨୦୨୧ ଅଗଷ୍ଟରେ ନୂଆଦିଲ୍ଲୀସ୍ଥିତ ରେଳମନ୍ତ୍ରୀଙ୍କ ଘରେ ସାକ୍ଷାତ କରି ଝାରସୁଗୁଡା-ଅମ୍ବିକାପୁର ସରଡେଗା-ଲାଇକ୍ରୋ-ଝାରସୁଗୁଡା ପାସେଞ୍ଜର ଟ୍ରେନ ଓ ରାଉରକେଲା-ଭୁବନେଶ୍ୱର ମଧ୍ୟରେ ସନ୍ଧ୍ୟାରେ ଦ୍ୱିତୀୟ ଇଣ୍ଟରସିଟି ଚାଳନା ପାଇଁ ଦାବି ଜଣାଇଥିଲେ। ଦ୍ୱିତୀୟ ଥର ରେଳମନ୍ତ୍ରୀ ଝାରସୁଗୁଡା ଗସ୍ତ ସମୟରେ ବିଧାୟିକା କୁସୁମ ଟେଟେ ନିଜର ସମର୍ଥକଙ୍କ ସହ ଯାଇ ମଧ୍ୟ ରେଳମନ୍ତ୍ରୀ ନିକଟରେ ସରଡେଗାଠାରୁ ପଥଲଗାଁଓ ଦେଇ ଅମ୍ବିକାପୁର ଓ ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ପର୍ଯ୍ୟନ୍ତ ସମ୍ପ୍ରସାରଣ ହେଲେ ଏହା ଏକ ବାଣିଜ୍ୟକ କରିଡର ହେବ ବୋଲି ଦାବି ଜଣାଇଥିଲେ। ଏହା ରେଳ ବିଭାଗ ପକ୍ଷରୁ ସରଡେଗା-ପଥଲଗାଁଓ-ଅମ୍ବିକାପୁରର ଡ୍ରୋନ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ସମସ୍ତ ଅଞ୍ଚଳବାସୀ ଆଗାମୀ ରେଳ ବଜେଟରେ ଏହି ପ୍ରକଳ୍ପ ଘୋଷଣା ନେଇ ଆଶାବାଦୀ। ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଏ ନେଇ ବିଧାୟିକା କୁସୁମ ଟେଟେ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହେବାକୁ ଯାଉଛି ବୋଲି ମତ ଦେଇଛନ୍ତି।

# ପ୍ରତିଶ୍ରୁତି ରକ୍ଷା କଲେ ନାହିଁ ଜିଲା ପ୍ରଶାସନ

## ଅଭିଯୋଗ ଆଣିଲେ ଗ୍ରାମବାସୀ

କୁତ୍ରା, ୧୦।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ରାଜଗାଙ୍ଗପୁର ବିଧାୟକ ପ୍ରତିଶ୍ରୁତି ଦେଇ ତାଙ୍କର ପ୍ରତିଶ୍ରୁତି ରକ୍ଷା କରୁ ନ ଥିବା ଅଭିଯୋଗ ଆଣିଲେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଢ଼ାକଟା ଗ୍ରାମବାସୀ। ଲୋକଙ୍କୁ ଭୂଆଁ ବୁଲାଇ ଗ୍ରାମବାସୀଙ୍କୁ ଭୁଲିଗଲେ। ରାଜଗାଙ୍ଗପୁର ବିଧାୟକ ନିର୍ବାଚନ ସମୟରେ ଓ ପରେ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଠାକାର ଖେଳ ପଡ଼ିଆର ଉନ୍ନତିକରଣ ଏବଂ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବେ ବୋଲି ବାରମ୍ବାର ପ୍ରତିଶ୍ରୁତି ଦେଇ ଠକି ଚାଲିଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ନିର୍ବାଚନ ଜିତିବାର ପାଞ୍ଚ ବର୍ଷ ବିତିବାକୁ ଯାଉଛି କିନ୍ତୁ ଗ୍ରାମବାସୀଙ୍କ ଆଶା ଆଶାରେ ହିଁ ରହିଯାଇଛି। ଏହା ସହିତ ଗ୍ରାମରେ ଲୋକେ କୌଣସି କାର୍ଯ୍ୟ ନେଇ ଯୋଗାଯୋଗ କରିବା ପାଇଁ ଚେଷ୍ଟା କଲେ ମଧ୍ୟ ଧରାଛୁଆଁ ଦେଉ ନ ଥିବା କହିଛନ୍ତି ଗ୍ରାମବାସୀ। ଲୋକଙ୍କ ମନରୁ ଆସ୍ଥା ତୁଟାଉଛନ୍ତି କହିବା ସହିତ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି କହିଛନ୍ତି। ସେହିଭଳି ଭାବରେ ବୁଡାକଟା ଠାରେ ନିର୍ମାଣାଧୀନ ଥିବା ଆଦର୍ଶ ବିଦ୍ୟାଳୟଟି ପ୍ରଥମେ ଝାନପାଲି ଠାରେ ହେବାର ଥିଲା। କିନ୍ତୁ ସେଠାରେ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରିବାରୁ ଏହାକୁ ବୁଡାକଟାରେ ନିର୍ମାଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସେଠାରେ ମଧ୍ୟ ବିରୋଧ କରାଯାଇଥିଲା। ପରେ ଜିଲା ପ୍ରଶାସନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଗ୍ରାମବାସୀଙ୍କ ପକ୍ଷରୁ କିଛି ସର୍ତ୍ତ ରଖାଯାଇଥିଲା। ସର୍ତ୍ତଗୁଡିକ ହେଲା ବିଦ୍ୟାଳୟରେ ଗ୍ରାମର ୧୦ ପ୍ରତିଶତ ପିଲାଙ୍କୁ ଅଗ୍ରାଧିକାର, ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିରେ ଗ୍ରାମର ଲୋକଙ୍କୁ ଅଗ୍ରାଧିକାର ଏବଂ ଖେଳ ପଡ଼ିଆର ଉନ୍ନତିକରଣ କରିବା। କିନ୍ତୁ ବର୍ତ୍ତମାନ ବିଦ୍ୟାଳୟଟି ସମ୍ପୂର୍ଣ୍ଣ ହେବାକୁ ବସିଲାଣି କିନ୍ତୁ ଜିଲା ପ୍ରଶାସନ ତାର ପ୍ରତିଶ୍ରୁତି ପାଳନ କରୁ ନ ଥିବା କହିଛନ୍ତି ଗ୍ରାମର ଯୁବକ ବିନୋଦ ପ୍ରଧାନ, ଲିଙ୍ଗରାଜ କୁମୁରା, ରୋହିତ କୁମୁରା, ଡିଲେଶ୍ୱର ନାଏକ, ପଙ୍କଜ ବରିହା, ଜସୋବନ୍ତ ବରିହା, ଶିବ ପ୍ରଧାନ,ମନୋଜ ବୁଡା, ଚନ୍ଦ୍ର ସାହୁ, କିଶୋର ବେହେରା, ଆଗସ୍ତ୍ୟ କୁଲୁଙ୍କ ସହିତ ଗ୍ରାମର ଅନ୍ୟାନ୍ୟ ଗ୍ରାମବାସୀ।

# ରୋଗଣା ସ୍ୱାମୀଙ୍କ ଚିକିତ୍ସା ପାଇଁ ଦାଦନ ଯାଇଛନ୍ତି ସ୍ତ୍ରୀ

ଖଡ଼ିଆଳ,୧୦।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସାନମହେଶର ଘରଧରା ଗ୍ରାମର ଗୌରାଙ୍ଗ ଶବର (୩୦) ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଫଳରେ ସ୍ୱାମୀଙ୍କ ଚିକିତ୍ସା ନେଇ ସ୍ତ୍ରୀ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇଛନ୍ତି। କିଛି ବର୍ଷ ପୂର୍ବେ ବାପାମା’ଙ୍କ ପରଲୋକ ଘଟିଥିଲା। ଦୁଃଖ ଯନ୍ତ୍ରଣାରେ ସ୍ତ୍ରୀ ରେମତୀ ସହ ଜୀବନ ଯାପନ କରୁଥିଲେ। ଦୁଇ ବର୍ଷ ପୂର୍ବେ ତାଙ୍କ ଗୋଡ ହାତ ଦରଦ ହେବାରୁ ଖଡ଼ିଆଳ ଯାଇ ଚିକିତ୍ସା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଚିକିତ୍ସା କରିଥିଲେ। ପାଦ ଫୁଲିବା ସହ ଗଲା ଫୁଲିବାରୁ ଖାଇବା ପିଇବାରେ ଅସୁବିଧା ସୃଷ୍ଟି ହେଲା। ନିଜର ସୁନା ରୁପା ବିକ୍ରି କରି ସ୍ୱାମୀର ଯତ୍ନ କଲେ ରେମତୀ। କିନ୍ତୁ ସ୍ୱାମୀଙ୍କ ଦେହ ଭଲ ହଉନାହିଁ। ଚିକିତ୍ସା ପାଇଁ ଅର୍ଥ ଅଭାବ ସହ ଦାନା ଯୋଗାଡ଼ ପାଇଁ ଅହରହ ସଂଘର୍ଷ କରିବାକୁ ପଡିଲା। ଏକାକୀ ଅତି କଷ୍ଟରେ ଜୀବନ ବିତୁଛି ଗୌରାଙ୍ଗ। ଭଲରେ ଉଠିବସି ପାରୁ ନାହାନ୍ତି। ଗୌରାଙ୍ଗଙ୍କୁ ସରକାରୀ ସହଯୋଗ କିଛି ମିଳିପାରୁନାହିଁ। ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଏକ ମାସର ରାଶନ ସାମଗ୍ରୀ ଚାଉଳ ଏକ ବସ୍ତା ସହଯୋଗ କରି ଚିକିତ୍ସା ନେଇ ଆବଶ୍ୟକ ପଦକ୍ଷେପ ନେଇଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼, ୧୦।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ସୋମବାର ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମକାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଦାଲତ ୧୨ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ୩ ମାସ ଜେଲ ପାଇଁ ଆଦେଶ କରିଛନ୍ତି। ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୬, ମାର୍ଚ୍ଚ ୧୯ ଅପରାହ୍ନ ୩ଟାରେ କୁତ୍ରା ଥାନା ଅଞ୍ଚଳରେ ଜଣେ ୬ବର୍ଷର ନାବାଳିକା ଘରେ ଏକୁଟିଆ ଥିବା ସମୟରେ ଗାଁର ଜଣେ ପଡୋଶୀ ଭଣ୍ଡାରୀ ସୋରେଙ୍ଗ(୨୭) ଓ ତାଙ୍କ ନାବାଳକ ସାନ ଭାଇ ଅମାନୁଷିକ ଭାବେ ବଳାତ୍କାର କରିଥିଲେ। ନାବାଳିକା ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ଏହି ଘଟଣା ସମ୍ପର୍କରେ ଜାଣିପାରିଥିଲେ। ଏହା ପରେ ଏନେଇ ଗ୍ରାମରେ ୨୦ତାରିଖରେ ଏକ ସଭା ହୋଇଥିଲା। ଏଥିରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ଏହା ପରେ ପୀଡିତାଙ୍କ ବାପା ଏ ସମ୍ପର୍କରେ କୁତ୍ରା ଥାନାରେ ୨୦୧୬ ମାର୍ଚ୍ଚ ୨୨ରେ ଏତଲା ଦେଇଥିଲେ। ୨୩ରେ କୁତ୍ରା ପୋଲିସ ଅଭିଯୁକ୍ତ ଭଣ୍ଡାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟକୁ ପଠାଇଥିଲେ। ଅଦାଲତ ମାମଲାର ବିଚାର କରି ୧୯ଜଣଙ୍କ ସାକ୍ଷ୍ୟ ଓ ପୋଲିସ ରିପୋର୍ଟକୁ ଭିତ୍ତିକରି ପୋକ୍‌ସୋ କୋର୍ଟ ବିଚାରପତି ଏହି ରାୟ ଦେଇଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରିଥିଲେ।

# ନିଯୁକ୍ତି ପୂର୍ବରୁ ନକଲି ପୋଷ୍ଟ ମାଷ୍ଟର ଫେରାର

ଭବାନୀପାଟଣା,୧୦।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଡାକ ବିଭାଗରେ ଗତ କିଛି ଦିନ ତଳେ ୧୦୫ଟି ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ଜଣ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୨୭ଜଣ ଅନୁପସ୍ଥିତ ଥିଲେ। ସମ୍ପୃକ୍ତ ୨୭ଜଣ ନକଲି ସାର୍ଟିଫିକେଟ ଦେଇ ଆବେଦନ କରିଥିବା ଆଶଙ୍କା କରାଯାଉଛି। ସାର୍ଟିଫିକେଟ ଯାଞ୍ଚ ପାଇଁ ୪ଟି ବୋର୍ଡ଼କୁ ପଠାଯାଇଛି। ଅନ୍ୟପଟେ ଜାଲ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ମାଷ୍ଟର ଭାବେ କଳାହାଣ୍ଡିର ରୁଦ୍ରମଣୀ ମିଶ୍ର ନିଯୁକ୍ତି ପାଇଁ ବିବେଚିତ ହୋଇଥିଲେ। ସାର୍ଟିଫିକେଟ ଯାଞ୍ଚ ସମୟରେ ଜାଲିଆତି ଜଣାପଡିବା ପରେ ବର୍ତ୍ତମାନ ସେ ଫେରାର ଥିବା ଜଣାପଡିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ଗ୍ରାମର ରୁଦ୍ରମଣୀ ମିଶ୍ର ଉତ୍ତରପ୍ରଦେଶ ବୋର୍ଡରେ ଦଶମ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ମାଷ୍ଟର ଭାବେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ରୁଦ୍ରମଣୀ ସମ୍ବଲପୁର ଡାକ ମଣ୍ଡଳ ଅଧୀନ ବରଗଡ଼ ଜିଲା ବରପାଲି ବ୍ଲକ କନବାର ଗ୍ରାମରେ ପୋଷ୍ଟମାଷ୍ଟର ଭାବେ ନିଯୁକ୍ତି ପାଇଥାନ୍ତେ। ଏହା ପୂର୍ବରୁ ସେ ଫେରାର ହୋଇଛନ୍ତି। ସେ ମାତୃଭାଷା ଓଡ଼ିଆରେ ୯୭ ମାର୍କ ରଖି ପାସ କରିଛନ୍ତି।



ରୁଦ୍ରମଣି ମିଶ୍ର

କିନ୍ତୁ ଉତ୍ତରପ୍ରଦେଶ ବୋର୍ଡରେ ଓଡ଼ିଆ ଭାଷା ନ ଥିବା ବେଳେ ସେ ଓଡ଼ିଆରେ ସର୍ବାଧିକ ମାର୍କ ଥିବା ଦେଖି ବିଭାଗୀୟ ଅଧିକାରୀଙ୍କୁ ସନ୍ଦେହ ହେବା ପରେ ତାଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଏହି ଜାଲିଆତି ଜଣାପଡିବା ପରେ ତାଙ୍କ ଗାଁର ଆଉ କିଛି ଯୁବକ ଜାଲ ସାର୍ଟିଫିକେଟ ଦେଇ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଡାକ ଅଧୀକ୍ଷକ ବିଜୟ ମହାନ୍ତିଙ୍କୁ ପଚାରିବାରୁ ସାର୍ଟିଫିକେଟ ଯାଞ୍ଚ ପାଇଁ ୪ଟି ବୋର୍ଡ଼କୁ ପଠାଯାଇଛି, ସେଠାରୁ ଆସିଲେ ସତ୍ୟତା ଜଣାପଡିବ ବୋଲି କହିଥିଲେ।

# ଜଳୁଛି ଜଙ୍ଗଲ: ସଙ୍କଟରେ ବନ୍ୟପ୍ରାଣୀଙ୍କ ଜୀବନ

କୁତ୍ରା, ୧୦।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସିଆଲଜୋର ଦେଇ ମହାବୀର ପର୍ବତକୁ ସଂଯୋଗ କରୁଥିବା ଜଙ୍ଗଲ ସୋମବାର ସକାଳୁ ହୁହୁ ହୋଇ ଜଳୁଛି। ଜଙ୍ଗଲ ଜଳୁଥିବାରୁ ଅନେକ ମୂଲ୍ୟବାନ ଗଛ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏହା ସହିତ ଜଙ୍ଗଲ ଭିତରେ ଥିବା ଅନେକ ଶରୀସୃପ, ବନ୍ୟପ୍ରାଣୀଙ୍କ ଜୀବନ ସଙ୍କଟରେ ରହିଛି। ଏହି ଜଙ୍ଗଲ ଭିତରେ ବରାହ, ଠେକୁଆ ଓ ହାତୀ ବସବାସ କରନ୍ତି। ଜଙ୍ଗଲ ନିଆଁ ଯୋଗୁ ହାତୀ ଭୟରେ ଗାଁ ମୁହାଁ ହେବା ନେଇ ଆଶଙ୍କା କରାଯାଉଛି। ପ୍ରତିବର୍ଷ ଏହି ସମୟରେ ଜଙ୍ଗଲ ଗୁଡିକରେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। ମହୁଲ ସଂଗ୍ରହ ସମୟରେ ଲୋକେ ଜଙ୍ଗଲ ନିଆଁ ଲଗାଉଥିବା ଜଣାପଡିଛି। ପ୍ରତିବର୍ଷ ଏଭଳି ଘଟଣା ଘଟୁଥିବାରୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନତା କରାଯିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ପକ୍ଷରୁ ମତପ୍ରକାଶ ପାଉଛି। ତେବେ ଏହି ଜଙ୍ଗଲ ନିଆଁ ଯୋଗୁଁ ଗଛଲତା,ବନ୍ୟପ୍ରାଣୀଙ୍କ ଜୀବନ ସହିତ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପଡିବାର ଆଶଙ୍କା ରହିଛି। ତେଣୁ ଲୋକଙ୍କୁ ସଚେତନତା କରିବା ନିତାନ୍ତ ଆବଶ୍ୟକତା ରହିଛି। ନଚେତ ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗି ଚାଲିଥିବ ଏବଂ ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବ। ଏଣୁ ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ଏହାର ସ୍ଥାୟୀ ପ୍ରତିକାର ଦିଗରେ ସୁନିଶ୍ଚିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।



କୁତ୍ରା ଅଞ୍ଚଳରେ ଜଙ୍ଗଲ ଜଳୁଛି।

# ଜିଲା ମହିଳା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

## କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଦାବି

ଦେବଗଡ଼,୧୦।୪ (ଡି.ଏନ.ଏ)

ଦେବଗଡ଼ ଜିଲାରେ ଥିବା ବିଭିନ୍ନ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଓ କ୍ଷେତ୍ର ଗୁଡିକରେ ନିଯୁକ୍ତ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରତି ସଂସ୍ଥା ଗୁଡିକ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରି ଜିଲା ମହିଳା କଂଗ୍ରେସ ପକ୍ଷରୁ ପୋଲିସ ପ୍ରଶାସନ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନରେ ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାଏକ ଓ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ କାର୍ଯ୍ୟାଳୟକୁ ଯାଇ ଏ ମର୍ମରେ ଏକ ଦାବିପତ୍ର ଏସ୍‌ପିଙ୍କ ଅନୁପସ୍ଥିତିରେ ଏସଡିପିଓ ଅନିଲ କୁମାର ବେଉରିଆଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଜିଲାର କାର୍ଯ୍ୟରତ ଅନେକ ମହିଳା ବିପଦପୂର୍ଣ୍ଣ ଅଞ୍ଚଳଗୁଡିକୁ ଟଙ୍କା ସଂଗ୍ରହ ତଥା ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରି ରାତିରେ ଏକୁଟିଆ ଫେରୁଥିବା କାରଣରୁ ମହିଳା କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହୁଥିବା ଦର୍ଶାଇଥିଲେ। ବିଗତ ଦିନରେ ଦେବଗଡ଼ ସହର ମଧ୍ୟରେ ଥିବା ପ୍ରଧାନପାଟ ରୋଡ଼ ଓ ଜିଲାପାଳଙ୍କ ବାସଭବନ ଅନତି ଦୂରରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ରାତି ୧୧ଟାରେ ଫାଇନାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଗଳାକାଟି ହତ୍ୟା ଘଟଣା ଜ୍ୱଳନ୍ତ ନମୁନା ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ପରିବାର ପ୍ରତିପୋଷଣ ପାଇଁ ଘରୋଇ କ୍ଷେତ୍ରରେ ଚାକିରୀ କରୁଥିବା ମହିଳାଙ୍କୁ ଅନୁଷ୍ଠାନ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟ ଠାରୁ ଢେର ଅଧିକ ସମୟ କାର୍ଯ୍ୟରେ ନିୟୋଜିତ କରାଉଥିବା ବେଳେ ପରିସ୍ଥିତିରେ ପଡି ମହିଳାମାନେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଥିବା ଦର୍ଶାଇଛନ୍ତି । ଏଣୁ ଜିଲାର ବିଭିନ୍ନ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ମହିଳାଙ୍କୁ ସରକାରଙ୍କ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟରୁ ଅଧିକ ସମୟ କାର୍ଯ୍ୟ କରାଉଥିବା ଅନୁଷ୍ଠାନଗୁଡିକୁ ତାଗିଦ କରିବା ସହ ନିୟମ ଖିଲାପକାରୀ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ଅନ୍ୟଥା ପୁଣି ଥରେ ଜିଲାରେ କୌଣସି ମହିଳା କର୍ମଚାରୀଙ୍କ କ୍ଷେତ୍ରରେ ମହିଳା ଫାଇନାନ୍ସ କର୍ମଚାରୀ ହତ୍ୟାକାଣ୍ଡ ଭଳି ଘଟଣାର ପୁନରାବୃତ୍ତି ଘଟିବାର ଆଶଙ୍କା ଥିବା ଦର୍ଶାଯାଇଛି । ସେହିପରି ମହିଳା ଫାଇନାନ୍ସ କର୍ମଚାରୀ ରିତା ସାହୁ ହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୀଡିତ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି ।




ଜିଲା ମହିଳା କଂଗ୍ରେସ କର୍ମକର୍ତ୍ତା ଦାବିପତ୍ର ଦେବାକୁ ଯାଉଛନ୍ତି।

## ସଂକ୍ଷେପରେ

### ଏମ୍‌ସିଏଲ୍ ଆନନ୍ଦ ବିହାରରେ ନାମଯଜ୍ଞ



ସମ୍ବଲପୁର,୧୦।୪(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଶିବ ପୂଜା କମିଟି ପକ୍ଷରୁ ଆନନ୍ଦ ବିହାର କଲୋନୀରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ଈସାନେଶ୍ୱର ମନ୍ଦିର ପରିସରରେ ଏପ୍ରିଲ ୭ରୁ ୯ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୭ଟି ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଏମ୍‌ସିଏଲ୍ ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ଓ ଆଇଇଡି ମହାପ୍ରବନ୍ଧକ ଆର୍.ପି. ଗୁପ୍ତା ଯୋଗଦେଇ ଥିଲେ। ଦିଲରପ ନାଏକ ସହଧର୍ମିଣୀ ଲିନାଙ୍କ ସହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭାସ୍କର ସାହୁ, ରଞ୍ଜନ ବାରିକ, ଶିଶିର ଜୈନ, ଶଶୀଭୂଷଣ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ରସାନନ୍ଦ ସାହୁ ପରିଚାଳନା କରିଥିଲେ।

### ମୂଳନିବାସୀ ମିଳିତ ମହାସଂଘର ସଚେତନତା ସଭା

କୋକସରା,୧୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଆରଏମସି ପ୍ରାଙ୍ଗଣରେ ଲଡୁଗାଁ ମୂଳ ନିବାସୀ ସଚେତନ ମଞ୍ଚ ପକ୍ଷରୁ ଓବିସି, ଏସସି. ଏସଟି ଓ ମୂଳନିବାସୀ ମିଳିତ ମହାସଂଘ ସଚେତନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଚେତନ ସଭାରେ ଲଡୁଗାଁ ଭତରା ସମାଜ ସଭାପତି ବନମାଳି ମାଝି ମୁଖ୍ୟଅତିଥି, ବ୍ଲକ ରାଷ୍ଟ୍ରିୟ ପଛୁଆବର୍ଗ ମୋର୍ଚ୍ଚା ସଭାପତି ଖିରସିନ୍ଧୁ ବୋଡକିଆ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରିୟ ପଛୁଆବର୍ଗ ମୋର୍ଚ୍ଚା କଳାହାଣ୍ଡି ସଭାପତି ଆଦିତ୍ୟ ହଂସ, ଦେବାନନ୍ଦ ନାଏକ, ଗରୁଡ଼ ବାଗ, ଲିଙ୍ଗରାଜ ଧଙ୍ଗଡା ମାଝି, ଗୋପାଳ ଧଙ୍ଗଡା ମାଝି, ଭଗବାନ ହଂସ, ଗଙ୍ଗାଧର ମହାନନ୍ଦ ପ୍ରମୁଖ ଯୋଦେଇ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଆମ ଦେଶର ଓବିସି, ଏସଟି ଏସସି ଏବଂ ସଂଖ୍ୟାଲଘୁ ସମାଜ ଏସବୁ ନ୍ୟାୟ ମିଳିପାରି ନାହିଁ। ଫଳରେ ଆଜି ବି ଜୀବିକା ପାଇଁ ସଂଘର୍ଷ କରି ଦାଦନ ଖଟବାକୁ ଯାଇ ଶବ ହୋଇ ଗାଁକୁ ଫେରୁଛନ୍ତି। ଶିକ୍ଷା, ଚାକିରି ଓ ରାଜନୈତିକ କ୍ଷେତ୍ରରେ ଓବିସିଙ୍କୁ ଜନସଂଖ୍ୟା ମୁତାବକ ସଂରକ୍ଷଣ ଓ ଜନଗଣନା ଜରୁରୀ ବୋଲି ମତ ରଖିଥିଲେ। ସଭା ଗଜେନ୍ଦ୍ର ନାଗ ପରିଚାଳନା କରିଥିଲେ।

### ଦକ୍ଷିଣ ଶୌଣ୍ଡିକ ପଞ୍ଚମ ମହାସଭା ଉଦ୍‌ଯାପିତ

କୋକସରା,୧୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ କଳାହାଣ୍ଡି ଓ ଟିଟିଲାଗଡ ସବଡିଭିଜନକୁ ନେଇ ଦକ୍ଷିଣ ଶୌଣ୍ଡିକ ପଞ୍ଚମ ମହାସଭା ରବିବାର ଉଦଯାପିତ ହୋଇଯାଇଛି। ଜିଲା ସଭାପତି ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇ ଶୌଣ୍ଡିକ ସମାଜ ହେଉଛି ଏକ ଶୃଙ୍ଖଳିତ ସମାଜ, ସମାଜ ସବୁ କ୍ଷେତ୍ରରେ ଆଗେଇଛି ବୋଲି କହିବା ସହ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭବାନୀପାଟଣାଠାରେ ଶୌଣ୍ଡିକ ସମାଜର ଭବନ ନିର୍ମାଣ ପାଇଁ ୫ ଲକ୍ଷ ଅନୁଦାନ ଦେବାକୁ ଏମ୍‌ପି ପଣ୍ଡା ଘୋଷଣା କରିଥିଲେ।

# ଧନଜୀବନ ରକ୍ଷା କରିବ ସଚେତନତା: ଜିଲାପାଳ

## ବଜ୍ରପାତ,ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବୈଠକ

ସମ୍ବଲପୁର,୧୦।୪(ବ୍ୟୁରୋ)

କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ବଜ୍ରପାତ ସଂଖ୍ୟା ବଢିବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ଜିଲାରେ ବଜ୍ରପାତ ଘଟି ଅନେକ ଧନଜୀବନ ନଷ୍ଟ ହେଉଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରି କହିଥିଲେ, ବର୍ତ୍ତମାନ ବଜ୍ରପାତ ସମ୍ପର୍କିତ ସୂଚନା ଆଗୁଆ ମିଳିପାରୁଛି। ସୂଚନା ମିଳିବା ମାତ୍ରେ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ସେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଜିଲାର ସମସ୍ତ ଜନସାଧାରଣଙ୍କ ପାଖରେ ସୂଚନା ପହଞ୍ଚିପାରୁଛି। ଏହାଦ୍ୱାରା ଜନସାଧାରଣ ସଚେତନ ହୋଇପାରିବେ। ଜିଲ୍ଲାପାଳ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲାର



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ସମସ୍ତ ବିଡ଼ିଓ, ତହସିଲଦାରଙ୍କୁ ସଚେତନ ସହ ଶୀଘ୍ର ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସଚେତନ କଲେ ଅନେକ ଧନଜୀବନ ରକ୍ଷା ପାଇବ ବୋଲି ଜିଲାପାଳ ଦାସ କହିଥିଲେ। ବଜ୍ରପାତ ପ୍ରାୟ ଦିନ ୨ଟାରୁ ରାତି ୯ଟା ମଧ୍ୟରେ ହୋଇଥାଏ। ମୁଖ୍ୟତ କୃଷି କାର୍ଯ୍ୟରେ ଜଡିତ ଶ୍ରମିକ, କୃଷକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଉଥିବା ଲୋକମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏ ଦିଗରେ ଲୋକଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ। ଏହି ସମୟରେ ବାହାରେ ରହୁଥିବା ଜନସାଧାରଣ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ସମ୍ବଲପୁର ଜିଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ସେଥିପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଜିଲାପାଳ ଦାସ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲାର ସମସ୍ତ ଉପଜିଲାପାଳ, ଏନ୍‌ଏସି ଇଓ, ସମସ୍ତ ବିଡ଼ିଓ, ତହସିଲଦାର, ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ଦଳାଇ ଉପସ୍ଥିତ ଥିଲେ।

# ସୂଚନା କମିଶନରେ ରେଙ୍ଗାଲି ଏବିଇଓ ଦଣ୍ଡିତ

ସମ୍ବଲପୁର,୧୦।୪(ବ୍ୟୁରୋ)

## ୨୫ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜ୍ୟ ସୂଚନା କମିସନରେ ଦଣ୍ଡିତ ହୋଇଛନ୍ତି। ସୂଚନା ଦେବାରେ ବିଳମ୍ବ ଓ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାରୁ ତାଙ୍କୁ ଦଣ୍ଡିତ କରାଯାଇଛି। ଆବେଦନକାରୀଙ୍କୁ ୨୫ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଟଙ୍କା ନ ଦେବେ ତା’ହେଲେ ତାଙ୍କ ଦରମାରୁ କାଟି ଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛ। ସୂଚନା ଅନୁସାରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ସରୋଜ କୁମାର ମିଶ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସୂଚନା ମାଗିଥିଲେ। ସରୋଜ ତାଙ୍କ ସ୍ତ୍ରୀଙ୍କ ଏରିୟର, ଛୁଟି, ଏମ୍‌ଏସ୍‌ପି, ଆର୍‌ଏସ୍‌ପି ଭଳି ତଥ୍ୟ ଦେବାକୁ ସୂଚନା ଅଧିକାର ନିୟମ ଅନୁସାରେ ତଥ୍ୟ ମାଗିଥିଲେ। ହେଲେ ସେମାନେ ବିଳମ୍ବ କରିବା ସହ ଭୁଲ ତଥ୍ୟ ପ୍ରଦାନ କରିଥିଲେ। ଏହାକୁ ନେଇ ସେ ସୂଚନା କମିସନରେ ମାମଲା କରିଥିଲେ। ସୂଚନା କମିସନ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାଗଜପତ୍ର ପ୍ରମାଣ ସହ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦାଖଲ କରିପାରି ନ ଥିଲେ। ତେଣୁ ସେ ଦଣ୍ଡିତ ହୋଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅବହେଳିତ

ସମ୍ବଲପୁର,୧୦।୪(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଅମୃତ ମହୋତ୍ସବ ପାଳନ କରାଯାଉଛି। ହେଲେ ସମ୍ବଲପୁର ଗଙ୍ଗାଧର ମେହେର ଛକରେ ଥିବା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅବହେଳିତ ହୋଇପଡିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ କେତେଜଣ ସଂଗ୍ରାମୀ ଦେଶ ପାଇଁ ବ୍ରିଟିଶ ଶାସନ ବିରୋଧରେ ଆନ୍ଦୋଳନ କରିଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ମିଶ୍ର ଅନ୍ୟତମ। ସ୍ୱର୍ଗତ ମିଶ୍ର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ୧୭ବର୍ଷ କାରାବରଣ କରିଥିଲେ। ଏଭଳି ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିକୁ ଜିଲା ପ୍ରଶାସନ ଉପେକ୍ଷା କରିବା ପରିତାପର ବିଷୟ ବୋଲି ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଏହାସହ ରକ୍ଷଣାବେକ୍ଷଣ କରିବାକୁ ଦାବି କରିଛନ୍ତି।



ଗଙ୍ଗାଧର ମେହେର ଛକରେ ଥିବା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତି।

# ବାହାରିଲା କୃଷି ସଚେତନତା ରଥ

ମୁରିବାହାଲ, ୧୦।୪(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)କାର୍ଯ୍ୟାଳୟରେ ଭୁବନେଶ୍ୱରରୁ ଆସିଥିବା କୃଷି ସଚେତନତା ରଥର ସୋମବାର ଶୁଭାରମ୍ଭ କରାଯାଇଛି। ଏହି ରଥ ତିନିଦିନ ମଧ୍ୟରେ ବ୍ଲକର ସମସ୍ତ ୨୨ପଞ୍ଚାୟତ ମୁଖ୍ୟାଳୟ ବୁଲି ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବ। ଏହି ରଥ ମାଧ୍ୟମରେ ଆଧୁନିକ ପ୍ରଣାଳୀରେ କୃଷିର ବିକାଶ, ଚାଷର ଉନ୍ନତି ଉପରେ ସଚେତନତା ବାର୍ତ୍ତା ଦେବ। ଏହି କାର୍ଯ୍ୟକ୍ରମରେ ଆତ୍ମା ଅଧ୍ୟକ୍ଷ ସୁରେଶ କୁମାର ଭୋଇ, ମୁରିବାହାଲ ବ୍ଲକ ଭାରପ୍ରାପ୍ତ ଏଏଓ ରତିକାନ୍ତ ସେଠୀ, ଏଟିଏମ ବିଶ୍ୱରଞ୍ଜନ ବେହେରା ଓ କୃଷକ ସାଥୀ ବିଷମ ପଧାନ ଅତିଥିଭାବେ ଯୋଗ ଦେଇ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି



ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ଅଧିକାରୀ।

ନାକଟିଦେଉଳ,୧୦।୪(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବଳମ ଗ୍ରା.ପ. କାର୍ଯ୍ୟାଳୟ ଠାରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୨୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୩ଟି ଗୋଷ୍ଠୀଗତ ରହିଥିଲା। ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା, ଆବାସ ଯୋଜନା, ରାଶନ କାର୍ଡ଼ ଆଦି ସମ୍ପର୍କରେ ସର୍ବାଧିକ ଅଭିଯୋଗ ଦାଖଲ ହୋଇଥିଲା। ତେବେ ଶିବିରରେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗର ସମାଧାନ କରାଯାଇଥିଲା। ଏଥିରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ, ଅତିରିକ୍ତ ତହସିଲଦାର ସୁବାସ ଚନ୍ଦ୍ର ମହାନ୍ତି, ଏବିଡିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳମ ସରପଞ୍ଚ ଅନୁପମା ଗଡ଼ନାୟକ ଓ ବ୍ଲକସ୍ତରୀୟ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର



ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

କୁଚିଣ୍ଡା,୧୦।୪(ଡି.ଏନ.ଏ.)

କୁଚିଣ୍ଡା ତହସିଲ ଅନ୍ତର୍ଗତ କୁସୁମୀ ପଞ୍ଚାୟତର ବମଲୋଇକେଲା ଗ୍ରାମରେ ଗୋଚର ଓ ସରକାରୀ ଜମି ଜବରଦଖଲ ହୋଇଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାକୁ ଉଚ୍ଛେଦ ନିମନ୍ତେ ସୋମବାର ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ବମଲୋଇକେଲା ମୌଜାର ଖାତା ନଂ.୪୨, ପ୍ଲଟ ନଂ.୭୦୧, ୭୦୯ ଓ ୭୪୮ର ୨୫ ଡେସିମିଲ ଗୋଚର କିସମ ଜମିକୁ ଗ୍ରାମର ୫ଜଣ ବ୍ୟକ୍ତି ଜବରଦଖଲ କରି ଜେସିବି ଲଗାଇ ସମତଳ କରୁଛନ୍ତି। ଏପରି କି ଏହି ବ୍ୟକ୍ତିମାନେ ପାଖରେ ଥିବା ସରକାରୀ ଜମିକୁ ମଧ ମାଡିବସିଛନ୍ତି। ତେଣୁ ତୁରନ୍ତ ଏହି ଜମିରୁ ଜବରଦଖଲ ଉଚ୍ଛେଦ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ପଚାରିବାରେ ତଦନ୍ତ କରି ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

କୋଲାବିରା,୧୦।୪ (ଡି.ଏନ.ଏ.)

କୋଲାବିରା ବ୍ଲକ୍ ସମାସିଂହାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୧୬ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି ସଭାପତିତ୍ୱ କରିଥିଲେ। ସମାସିଂହା ସରପଞ୍ଚ କରୁଣାକର ସେଟ୍ ମୁଖ୍ୟଅତିଥି, ପ୍ରଶିକ୍ଷକ ଶଚିନ୍ଦ୍ର କୁମାର ପଟେଲ ମୁଖ୍ୟବକ୍ତା ଓ ଜିଲା ସଂଯୋଜକ ପ୍ରଶାନ୍ତ ପାଳ, ମଦନ ମୋହନ ପଟେଲ, ଗୁରୁଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ପରିଚାଳିତ ବିଦ୍ୟାଳୟର ଶିକ୍ଷାନୀତି ଓ ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ସ୍କୁଲ କମିଟି ସଭାପତି ଯୋଗେଶ୍ୱର ସେନାପତି





ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଅତିଥି ପରିଚୟ ଓ ଅଧ୍ୟକ୍ଷା ବାସନ୍ତୀ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଂଯୋଜକ ସୁରେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭ୍ୟ ସୁଦାମ ସେନାପତି, ଟଙ୍କଧର କୁଆଁଙ୍କ ସମେତ ସ୍କୁଲର ଅପାଭାଇ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ସମ୍ପାଦକ ଆଶିଷ କୁମାର ପୂଜାରୀ ଧନ୍ୟବାଦ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ନଗରକୀର୍ତ୍ତନରେ ସଂକୀର୍ତ୍ତନ ଦଳ ଓ ଗ୍ରାମବାସୀ।

ଜମନକିରା,୧୦।୪(ଡି.ଏନ.ଏ.)

ଜମନକିରା ଜଗନ୍ନାଥ ମନ୍ଦିର ପରିସରରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ସୁଦର୍ଶନ ଖୁଣ୍ଟିଆ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ପୂଜକ ଭାବେ ମାନସ ରଞ୍ଜନ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟା ସମୟରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଗ୍ରାମବାସୀ ନଗର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ବିଭିନ୍ନ କୀର୍ତ୍ତନ ମଣ୍ଡଳୀଙ୍କ ମଧ୍ୟରେ ବୈଠକି ପରିବେଷଣ କରାଯାଇଥିଲା। ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଘୋଷଣା କାର୍ଯ୍ୟକାରୀ ହୋଇ ନ ଥିବା ନେଇ କ୍ଷୋଭ

## କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ

ସମ୍ବଲପୁର,୧୦।୪(ବ୍ୟୁରୋ)

ସମ୍ବଲପୁର ଦଳେଇପଡ଼ାସ୍ଥିତ କଲ୍ୟାଣ ମଣ୍ଡପରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କୋଷାଧ୍ୟକ୍ଷ ଦୀନବନ୍ଧୁ ବେହେରାଙ୍କ ବିୟୋଗରେ ଏକ ଶୋକପ୍ରସ୍ତାବ ଆଗତ ହୋଇଥିଲା। ସଂଘର ବିଭିନ୍ନ ସମସ୍ୟା, ଦାବି ସମ୍ପର୍କରେ ସୂଚନା ଦିଆଯିବା ପରେ ସଂଘର ଡିଭିଜନ, ରେଞ୍ଜ ତଥା ରାଜ୍ୟସ୍ତରୀୟ କର୍ମକର୍ତ୍ତା ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ଗତ ନଭେମ୍ବର ୨୩ରେ ଯେଉଁସବୁ ଘୋଷଣା କରିଥିଲେ ତାହା ସ୍ୱାଗତଯୋଗ୍ୟ। ହେଲେ ୪ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ଶ୍ରମିକମାନଙ୍କ ଛାତ୍ରୀଛାତ୍ର ବୃତ୍ତି ସମ୍ପର୍କୀୟ ଘୋଷଣା ସମ୍ପୃକ୍ତ ବିଭାଗ ଯଥାକ୍ରମେ ଆଦିବାସୀ, ହରିଜନ ଓ ପଛୁଆ ବର୍ଗ ବିଭାଗର ଅଧିକାରୀ, କେନ୍ଦୁପତ୍ର ସଂସ୍ଥାର ସର୍ବୋଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭ କରି ଡିଏଫ୍‌ଓ ସ୍ତର ସର୍ବୋପରି ଶିକ୍ଷା ବିଭାଗ ସହଯୋଗ କରୁନାହାନ୍ତି। ଫଳରେ ଛାତ୍ରୀଛାତ୍ର ବୃତ୍ତି ପାଇଁ ଦରଖାସ୍ତ କରିସୁଦ୍ଧା ଏଥିରୁ ବଞ୍ଚିତ ହୋଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷାଧିକ ତୋଳାଳୀ ଓ ସିଜନାଲ କର୍ମଚାରୀ ଏବଂ ବନ୍ଧେଇ ଶ୍ରମିକଙ୍କ ପାଇଁ ବର୍ତ୍ତମାନ ସୁଦ୍ଧା ଚୂଡାନ୍ତ ଘୋଷଣା ହୋଇପାରି ନାହିଁ। କେଏଲ୍‌ଡିବି ଗଠନ ପରେ ୨୦୨୦ରୁ ଏ ପର୍ଯ୍ୟନ୍ତ ବୈଠକ ହୋଇନାହିଁ। ସଂସ୍ଥାର ଆୟବ୍ୟୟ ଓ ପ୍ରୋତ୍ସାହନ ବଣ୍ଟନ ବିନା ଆଲୋଚନାରେ ଘୋଷଣା ହେଉଛି। ଶ୍ରମ ବିଭାଗର ଅବହେଳା ଯୋଗୁ ୫ବର୍ଷ ହେଲା ସିଜନାଲ କର୍ମଚାରୀଙ୍କ ମାସିକ ମଜୁରି ହାର ସଂଶୋଧନ ହୋଇପାରୁ ନାହିଁ। ୧୦ବର୍ଷ ତଳେ ସିଜନାଲ୍ କର୍ମଚାରୀଙ୍କ ଯେଉଁ ଦୈନିକ ଭତ୍ତା ଓ ଗସ୍ତ ଖର୍ଚ୍ଚ ଥିଲା ଏବେ ନାହିଁ। ଚଳିତବର୍ଷ ବଜେଟରେ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ପାଇଁ ବଜେଟ ୫୦ କୋଟି ଟଙ୍କା ବ୍ୟବସ୍ଥା କରିଥିଲେ। ଏବେ ଅଧିକ ବୋନସ ସହ କନ୍ୟା ବିବାହ ଓ ଛାତ୍ରବୃତ୍ତି ପାଇଁ ଅର୍ଥ ବରାଦ କରାଯାଉ। ପୂର୍ବରୁ ଏହାକୁ ନେଇ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପିସିସିଏଫ୍‌ଙ୍କୁ ସାକ୍ଷାତ କରି ଆଲୋଚନା ସମୟରେ ପ୍ରତିଶ୍ରୁତି ମିଳିଥିଲେ ମଧ କାର୍ଯ୍ୟକାରୀ ହୋଇପାରି ନାହିଁ। ସରୋଜ କର୍ଣ୍ଣ, ବିନୋଦ ପ୍ରଧାନଙ୍କୁ ଉପସଭାପତି, କ୍ଷେତ୍ରଚନ୍ଦ୍ର ବାରିକଙ୍କୁ କୋଷାଧ୍ୟକ୍ଷ, ମନୋଜ ସାହୁ, ଯଦୁମଣି ପାଣିଗ୍ରାହୀ, ଶିବା ନନ୍ଦ ପରିଚ୍ଛାଙ୍କୁ ସମ୍ପାଦକ ଭାବରେ ନିର୍ବାଚିତ କରାଯାଇଥିଲା। ସଂଘର ଶତାଧିକ ରାଜ୍ୟ, ଡିଭିଜନ ଓ ରେଞ୍ଜ କର୍ମକର୍ତ୍ତାଙ୍କ ସମେତ ମହିଳା ତୋଳାଳି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ ସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତୁଜା, ପଦ୍ମାବତି କିଷାନ, ଯଦୁମଣି ପାଣିଗ୍ରାହୀ, ରତ୍ନାକର ପ୍ରଧାନ, ସଞ୍ଜୟ ଚୌଧୁରୀ, ପ୍ରଦୀପ ସାହୁ, ଶ୍ରୀକାନ୍ତ ମିଶ୍ର, ଗୁରୁଚରଣ ପ୍ରଧାନ ଉପସ୍ଥିତ ରହିଥିଲେ।

# କେନ୍ଦୁପତ୍ର ଘରୋଇ କମ୍ପାନୀକୁ ବିକ୍ରିକୁ ବିରୋଧ

## ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କୁ ଦାବିପତ୍ର ଦେଲେ କର୍ମଚାରୀ, ତୋଳାଳି

କୋକସରା,୧୦।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ କେନ୍ଦୁପତ୍ର ଫରେଷ୍ଟ ଡିଭିଜନ ଅନ୍ତର୍ଭୁକ୍ତ ବିଜମରା ସେକ୍ସନ ଅଧୀନରେ କାର୍ଯ୍ୟ କରୁଥିବା ମୁନସି, ଚେକର, ଚପରାଶି ଓ କେନ୍ଦୁପତ୍ର ତୋଳାଳିମାନେ ସୋମବାର ଏକ ଦାବିପତ୍ର ବ୍ଲକ ଉପାଧ୍ୟକ୍ଷଙ୍କୁ ଦେଇଛନ୍ତି। ଗତ କିଛିବର୍ଷ ହେବ ଘରୋଇ କମ୍ପାନୀ ବିଭିନ୍ନ ଗ୍ରାମରେ ଗ୍ରାମସଭା କରି ସ୍ଥାନୀୟ କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଲୋଭିତ କରି କିଛି ଅଧିକ ଅର୍ଥ ଦେଇ ବେଆଇନ ଭାବେ କେନ୍ଦୁପତ୍ର କିଣୁଥିବା ବେଳେ ଏହା ଦ୍ୱାରା ବିଭିନ୍ନ କେନ୍ଦୁପତ୍ର ଫଡ଼ିରେ ୧୯୭୩ରୁ ନିୟୋଜିତ ମୁନସି, ଚେକର, ଚପରାଶିଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଗତ ୨୦୨୦/୨୧/୨୨/୨୩ଠାରୁ ରାଜ୍ୟ ବାହାରର ବିଭିନ୍ନ ଘରୋଇ କମ୍ପାନୀ ସାହାଜଖୋଲ ଜଙ୍ଗଲ ଅଞ୍ଚଳରେ ଥିବା କେନ୍ଦୁପତ୍ର ସଂଗ୍ରହ ଗ୍ରାମରେ ସ୍ଥାନୀୟ କିଛି ନେତାଙ୍କୁ ଧରି ଗ୍ରାମସଭା କରି ବେସରକାରୀ ଭାବେ କେନ୍ଦୁପତ୍ର କ୍ରୟ କରି ଆସୁଛନ୍ତି। ଫଳରେ ବିଜମରା କେନ୍ଦୁପତ୍ର ସେକ୍ସନ ଅଧୀନ ବିଭିନ୍ନ ଫଡ଼ିରେ ନିୟୋଜିତ କର୍ମଚାରୀମାନେ ଜୀବିକା ହରାଇଛନ୍ତି। ଘରୋଇ କମ୍ପାନୀ ଗ୍ରାମସଭା କରି କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରଲୋଭିତ କରିଛନ୍ତି, ହେଲେ ସରକାରୀ ଭାବେ ତୋଳାଳିଙ୍କୁ ଯେଉଁ ସୁବିଧା ସୁଯୋଗ ମିଳିବ ତାହା ଦେଉନାହାନ୍ତି। ସରକାରୀ ନିୟମ ଅନୁଯାୟୀ ତୋଳାଳିଙ୍କୁ ଚପଲ ପାଣି ବୋତଲ, ଅଖାବସ୍ତା, ବୋନସ, ସ୍ୱାସ୍ଥ୍ୟ ବୀମା, ପିଲାଙ୍କ ପାଇଁ ପାଠ୍ୟ ଉପକରଣ, ବିବାହ ଖର୍ଚ୍ଚ ଆଦି ଶ୍ରମିକ କଲ୍ୟାଣ ସାହାଯ୍ୟ ଯୋଗାଇ ଦେଉଛନ୍ତି। ତେବେ ଘରୋଇ କମ୍ପାନୀ କେରି ପିଛା କିଛି ଅଧିକ ଟଙ୍କା ଦେଇ ତୋଳାଳିଙ୍କୁ ଅନ୍ୟ କୌଣସି ସହାୟତା ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଜମରା କେନ୍ଦୁପତ୍ର ସେକ୍ସନ ବିଭିନ୍ନ ଫଡ଼ିରେ କାର୍ଯ୍ୟରତ କର୍ମଚାରୀମାନେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ ଓ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କୁ ଭେଟି ଦାବିପତ୍ର ଦେବା ସହ ଘରୋଇ କମ୍ପାନୀ କେନ୍ଦୁପତ୍ର କ୍ରୟ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି। ଏହି ସମୟରେ କର୍ମଚାରୀ ପ୍ରଦୀପ ପାୟା ସିଂ, କ୍ଷୀରୋଦ କଣ୍ଡ, ଯୁଧିଷ୍ଠିର ମାଝି, ବଦ୍ରୀ ପ୍ରସାଦ ଭୋଇ, ମନୋଜ କୁମାର ନାଏକ, ତ୍ରିନାଥ ପାତ୍ର, ରୂପଧର ଚଣ୍ଡି, ବିଶେଶ୍ୱର ମାଝି, ଟଙ୍କଧର ମାଝି, ବନ ବିହାରୀ ନାଏକ, ବଳଦେବ ବାଗ, ପ୍ରଫୁଲ ନାଏକ, ନିତ୍ୟାନନ୍ଦ ନାଏକ ଓ ସତ୍ୟବାନ ନାଏକ ପ୍ରମୁଖ ମୁନସି, ଚେକର, ଚପରାଶି ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଗଜପତି


@ ବିବୁଲ


@ ସାହିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଷ୍ପ, ଶିଶୁକୁ ହସିବାକୁ ଦିଅ

## ତପୋବନ ଆଶ୍ରମରେ ବାଳ ସାଂସ୍କୃତିକ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ, ୧୦।୪

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ୍ ଅନ୍ତର୍ଗତ ଝାରବଲାଙ୍ଗୀରସ୍ଥିତ ଶ୍ରୀତପୋବନ ଆଶ୍ରମରେ ବାଳ ସାଂସ୍କୃତିକ ବିକାଶ କେନ୍ଦ୍ରକୁ ସୋମବାର ଅପରାହ୍ଣରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ଅନୁଷ୍ଠିତ ସଭାରେ ଶ୍ରୀତପୋବନ ଆଶ୍ରମ ପ୍ରତିଷ୍ଠାତା ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ, ବିଶ୍ୱାତ୍ମ ଚେତନା ପରିଷଦ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ସ୍ୱାମୀ ପରମହଂସାନନ୍ଦ ସରସ୍ୱତୀ ମଞ୍ଚାସୀନ ଥିଲେ। ରାଜ୍ୟପାଳ ପ୍ରଫେସର ଲାଲ ତାଙ୍କ ବକ୍ତବ୍ୟରେ ଶିଶୁ ଭିତରେ ଦିବ୍ୟଚେତନା ଭରିରହିଛି। ପୁଷ୍ପ ଏବଂ ଶିଶୁକୁ ହସିବାକୁ ଦିଅ। ସେମାନଙ୍କୁ ହସ ଫେରାଇ ଦେଲେ ସଂସ୍କୃତି ଏବଂ ସଂସ୍କାର ଚେତନଶୀଳ ହୋଇଉଠିବ ବୋଲି କହିଥିଲେ। ଏହି ଅବସରରେ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ତାଙ୍କ ଆର୍ଶୀବଚନରେ ସଂସ୍କୃତ ଭାଷା, ସଂସ୍କୃତି ଏବଂ ସଂସ୍କାର ଉପରେ ମତବ୍ୟକ୍ତ କରି ଶିକ୍ଷାବ୍ୟବସ୍ଥାରେ ଏହାର ପ୍ରୟୋଗ ହିଁ ଭାରତୀୟ ସମାଜର ବିଶ୍ୱଗୁରୁ ସ୍ୱପ୍ନକୁ ସାକାର କରିବ ବୋଲି କହିଥିଲେ। ସଭା କାର୍ଯ୍ୟକୁ ସ୍ୱାମୀ ତେଜୋମୟାନନ୍ଦ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ସ୍ୱାମୀ ସତ୍ୟବେଦାନନ୍ଦ, ସତ୍ୟପ୍ରେମାନନ୍ଦ, ରାହୁଲ ସାହୁ, ଶିବରାମ ସାହୁ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଦେବେନ୍ଦ୍ର କୁମାର ସାହୁ, କନକ ମଞ୍ଜରୀ ସେଠ୍, ରାଜେନ୍ଦ୍ର ବିଜୟ ସାହୁ, ଦାମୋଦର ନାଏକ ଉପସ୍ଥିତ ଥିଲେ। ସଭାରେ ମଣ୍ଟେସରୀ ପବ୍ଲିକ୍ ସ୍କୁଲ ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ।


ଶ୍ରୀ ତପୋବନ ଆଶ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବାଳ ସାଂସ୍କୃତିକ ବିକାଶ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

# ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଜବତ

ଲାଞ୍ଜିଗଡ଼,୧୦।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଥୁଆଙ୍ଗପଦର ଗାଁର କୁନ୍ତ ମାଝି ନାମକ ଜଣେ ଛାତ୍ରଙ୍କ ମୃତଦେହ ସୋମବାର ରାୟଗଡା ଜିଲା ପୁରୁଣା ଅମ୍ବାଦଳା ନିକଟ ରେଳଧାରଣାରୁ ଜବତ କରାଯାଇଛି। ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ରେଲୱେ ଅଧୀନରେ ମାମଲା ଆସୁଥିବାରୁ ରେଲୱେ ପୋଲିସକୁ ହସ୍ତାନ୍ତର କରାଯାଇଛି। ରେଲୱେ ପୋଲିସ ମୃତଦେହ ଜବତ କରି ମୁନିଗୁଡାଠାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ମୃତକଙ୍କ ବଡଭାଇ ରାମ ମାଝି ତାଙ୍କ ଭାଇଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗି ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କୁନ୍ତ ଅମ୍ବାଦଳାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ପାଠ ପଢୁଥିଲେ। ବିଦ୍ୟାଳୟର ହଷ୍ଟେଲରୁ କିଛି ଦୂରରେ ଥିବା ପୁରୁଣା ଅମ୍ବାଦଳା ରେଳ ଧାରଣାରେ ସନ୍ଦେହଜନକ ଭାବେ ତାଙ୍କ ମୃତଦେହ ଜବତ କରାଯାଇଥିବାବେଳେ ହଷ୍ଟେଲ ଏବଂ ବିଦ୍ୟାଳୟରେ କୁନ୍ତଙ୍କ ଉପସ୍ଥାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏ ନେଇ ମୁନିଗୁଡା ରେଲୱେ ପୋଲିସ ଏକ ମାମଲା ରୁଜୁ କରିତଦନ୍ତ ଜାରି ରହିଛି।


କୁନ୍ତ ମାଝି

# ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ବର୍ଦ୍ଧନା


ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଜୁନାଗଡ,୧୦।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ପଦ୍ମଶ୍ରୀ ପଟ୍ଟାୟତ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନଗର ସଭାପତି ଶିବରାମ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମଶ୍ରୀ ସାହୁଙ୍କ ସମେତ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପଦ୍ମଶ୍ରୀ ସାହୁଙ୍କ କଠିନ ପରିଶ୍ରମ ଓ ତାଙ୍କ ସଫଳତା ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ପରିଚାଳନା କରିଥିବାବେଳେ ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ଅନେକ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ତଦନ୍ତ କଲା ତିନିଜଣିଆ କମିଟି

ଟିଟିଲାଗଡ଼, ୧୦।୪ (ଡି.ଏନ.ଏ)

## ନାମଲେଖା ପାଇଁ ଟଙ୍କା ଅସୁଲି ଘଟଣା

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଘଣ୍ଟବାହାଲି ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ପିଲାଙ୍କଠାରୁ ନାମ ଲେଖା ବେଳେ ଟଙ୍କା ଅସୁଲି ଅଭିଯୋଗ ହୋଇଥିଲା। ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିରାମ ମାଝି, ସିଆରସିସି କିଶୋର ବନଛୋର ଏବଂ ଅନଙ୍ଗ ବିଶିଙ୍କୁ ନେଇ ଗଠିତ ତିନି ଜଣିଆ ଟିମ ବିଦ୍ୟାଳୟ ଗସ୍ତ କରିଥିଲେ। ପ୍ରଧାନଶିକ୍ଷକ ପିତାମ୍ବର ଛତରଙ୍କ ଉପସ୍ଥିତିରେ ଅଭିଭାବକଙ୍କୁ ଜଣ ଜଣ କରି ଡାକି ଟଙ୍କା ଅସୁଲି ନେଇ ପଚାରି ବୁଝିଥିଲେ। ଅଭିଭାବକ ଫାଲଗୁନି ମାଝି, ଲଳିତ ମୋହନ ମାଝି, ବିଷନ ଦୀପ, ରୋମାନ ଛତର, ବିଶ୍ୱନାଥ ଦୀପ, ଦିଲୀପ ଛତର, ମଧୁସୂଦନ ମହାନନ୍ଦ, ଧନଞ୍ଜୟ ବର୍ଗତି, ଶଙ୍କର ପୋଢ ପ୍ରମୁଖ ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ହାଜିର ହୋଇ ପିଲାଙ୍କ ନାମଲେଖା ପାଇଁ ୫୫୦ ଟଙ୍କା ମଗାଯାଇଥିବା ଅଭିଯୋଗ କରିଥିଲେ। ଏନେଇ ଅଭିଯୋଗ ପରେ କେତେକ ପିଲାଙ୍କଠାରୁ ନିଆଯାଇଥିବା ଟଙ୍କା ଫେରସ୍ତ ହୋଇଥିବା ବେଳେ ଅନେକ ଟଙ୍କା ପାଇ ନ ଥିବା କହିଥିଲେ। କାହାକୁ ରସିଦ ଦିଆଯାଇ ନ ଥିବା ତଦନ୍ତବେଳେ ଜଣା ପଡିଥିଲା। ୱାର୍ଡସଭ୍ୟ ସୁରେଶ ସୁନାନୀ ଏବଂ ଶତ୍ରୁଘ୍ନ ମହାନନ୍ଦଙ୍କଠାରୁ ମଧ୍ୟ ଟଙ୍କା ନିଆଯାଇଥିବା ସାମ୍ନାକୁ ଆସିଛି। ଝସକେତନ ଛତର ବିଦ୍ୟାଳୟର ପରିଚାଳନା କମିଟି ବୈଠକ ବସୁ ନ ଥିବା ଅଭିଯୋଗ କରିଥିଲେ। ଏପରି ଅଭିଯୋଗ ପରେ ଘଟଣାସ୍ଥଳରେ ପାଟିତୁଣ୍ଡ ହୋଇଥିଲା। ଏଡାପରେ ଅନେକ ଅଭିଭାବକ ନିଜ ପକ୍ଷ ରଖି ନପାରି ଚାଲିଯାଇଥିବା ଛତର ଅଭିଯୋଗ କରିଛନ୍ତି। ଏହାପରେ ତଦନ୍ତ ଅଧିକାରୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କ ପ୍ରତିନିଧି କିଶୋର ସାହୁ ଏବଂ କେତେକ ଅଭିଭାବକଙ୍କୁ ଘଟଣା ନେଇ ପଚରାଉଚୁରା କରିଥିଲେ। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ନାମଲେଖା ନେଇ ଟଙ୍କା ଅସୁଲି ଅଭିଯୋଗ ପାଇବା ପରେ ସ୍ଥାନୀୟ ସରପଞ୍ଚ ମିଳି ସାହୁ ଟିଟିଲାଗଡ ଉପଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ କିଛି ପିଲାଙ୍କ ମାଗଣା ନାମଲେଖା ହୋଇଥିବା ବେଳେ ଅସୂଲ ହୋଇଥିବା ଟଙ୍କା ଫେରସ୍ତ ପାଇଁ ପ୍ରଧାନଶିକ୍ଷକ ଫେରସ୍ତ ଦେଇଥିଲେ। ତେବେ ଆଜି ତଦନ୍ତ ଅଧିକାରୀ ପହଞ୍ଚିବା ବେଳକୁ ଅନେକ ଅଭିଭାବକଙ୍କୁ ଟଙ୍କା ଫେରସ୍ତ ହୋଇନଥିବା ଜଣାପଡିଛି। ତଦନ୍ତ ପରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମାଝି ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼, ୧୦।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ସୋମବାର ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମକାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଦାଲତ ୧୨ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ୩ ମାସ ଜେଲ ପାଇଁ ଆଦେଶ କରିଛନ୍ତି। ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୬, ମାର୍ଚ୍ଚ ୧୯ ଅପରାହ୍ଣ ୩ଟାରେ କୁତ୍ରା ଥାନା ଅଞ୍ଚଳରେ ଜଣେ ୬ବର୍ଷର ନାବାଳିକା ଘରେ ଏକୁଟିଆ ଥିବା ସମୟରେ ଗାଁର ଜଣେ ପଡୋଶୀ ଭଣ୍ଡାରୀ ସୋରେଙ୍ଗ(୨୭) ଓ ତାଙ୍କ ନାବାଳକ ସାନ ଭାଇ ଅମାନୁଷିକ ଭାବେ ବଳାତ୍କାର କରିଥିଲେ। ନାବାଳିକା ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ଏହି ଘଟଣା ସମ୍ପର୍କରେ ଜାଣିପାରିଥିଲେ। ଏହା ପରେ ଏନେଇ ଗ୍ରାମରେ ୨୦ତାରିଖରେ ଏକ ସଭା ହୋଇଥିଲା। ଏଥିରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ଏହା ପରେ ପୀଡିତାଙ୍କ ବାପା ଏ ସମ୍ପର୍କରେ କୁତ୍ରା ଥାନାରେ ୨୦୧୬ ମାର୍ଚ୍ଚ ୨୨ରେ ଏତଲା ଦେଇଥିଲେ। ୨୩ରେ କୁତ୍ରା ପୋଲିସ ଅଭିଯୁକ୍ତ ଭଣ୍ଡାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟକୁ ପଠାଇଥିଲେ। ଅଦାଲତ ମାମଲାର ବିଚାର କରି ୧୯ଜଣଙ୍କ ସାକ୍ଷ୍ୟ ଓ ପୋଲିସ ରିପୋର୍ଟକୁ ଭିତ୍ତିକରି ପୋକ୍‌ସୋ କୋର୍ଟ ବିଚାରପତି ଏହି ରାୟ ଦେଇଛନ୍ତି। ମାମଲାକୁ ସରକାରଙ୍କ ତରଫରୁ ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ପରିଚାଳନା କରିଥିଲେ।

# ଅଭିଯୋଗ ଶୁଣାଣି, ସମାଧାନ ଶିବିର

ଲାଞ୍ଜିଗଡ଼,୧୦।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସଭା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ସୁବ୍ରତ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ପିଏଆଇଟିଡିଏ ଚୁନୁ ମେହେର, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝିଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏବିଡିଓ ବିଭୁତିଭୂଷଣ ଶତପଥି, ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ଜିପିଇଓ ସରୋଜ ପ୍ରଧାନ, ଏପିଓ ସଞ୍ଜିତ ପରିଡା, ଏସଇଓ ଅରବିନ୍ଦ ମହାପାତ୍ର, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଦଶମତ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୋଟ ୧୦୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥି ମଧ୍ୟରୁ ୮୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିବା ବେଳେ ୧୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।


ଲାଞ୍ଜିଗଡ଼ରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିର।

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଡ୍ୟାମ୍ କାମ

ବଲାଙ୍ଗୀର ଅଫିସ, ୧୦।୪

ବହୁପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଯୁଦ୍ଧକାଳୀନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପର ଡ୍ୟାମ କାମ ଏବେ ଦିନ ଏବଂ ରାତିରେ ମଧ୍ୟ ଚାଲିଛି। ସମ୍ପ୍ରତି ସ୍ପିଲୱେ କାମ ସମ୍ପୂର୍ଣ୍ଣ ହେବା ଉପରେ ରହିଛ। ମାଟି

## ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

ବନ୍ଧ କାମ ମଧ୍ୟ ୯୦ ପ୍ରତିଶତ ଉପରେ ସରିଯାଇଥିବା ଜଣାପଡିଛି। ଏଭଳି ସମୟରେ ଡ୍ୟାମ୍‌ର ଏବେ ଗ୍ୟାପ୍ ଫିଲିଂ କାମ କରାଯାଉଛି। ଚଳିତ ଜୁନ୍ ଶେଷ ସୁଦ୍ଧା ପ୍ରକଳ୍ପ ଡ୍ୟାମ କାମ ସମ୍ପୂର୍ଣ୍ଣ ହେଲେ ଚଳିତବର୍ଷ ବର୍ଷାପାଣି ରଖାଯିବ ବୋଲି କୁହାଯାଉଛି। ଜଳସମ୍ପଦ ସଚିବ ଅନୁଗର୍ଗ ଏନେଇ ତାଙ୍କ ଟୁଇଟରରେ ସୂଚନା ଦେଇଛନ୍ତି। ଗ୍ୟପ ଫିଲିଂ କାମ ସରିଲେ ଚଳିତବର୍ଷ ବର୍ଷା ପାଣି ଡ୍ୟାମରେ ଅଟକାଯାଇ ପାରିବ। ଏହାସହିତ ଡାହାଣପଟ ଡାଇକ୍ କାମ ମଧ୍ୟ ଚାଲିଛି। ଏଭଳିକି ସୁକ୍‌ତେଲ ପ୍ରକଳ୍ପର ପ୍ରେସର ପାଇପ୍ ସିଷ୍ଟମ୍‌ର କେନାଲ କାମ ମଧ୍ୟ ଆରମ୍ଭ କରାଯିବାକୁ ଲୁହା ପାଇପ୍ ଗୁଡିକ ବଲାଙ୍ଗୀର ପହଞ୍ଚି ସାରିଛି। ଏକାସଙ୍ଗରେ ଏହି ସବୁ କାମ ଚାଲିଥିବାରୁ ଖୁବ୍‌ଶୀଘ୍ର ବଲାଙ୍ଗୀରବାସୀଙ୍କ ସ୍ୱପ୍ନର ବହୁପ୍ରତୀକ୍ଷିତ ଜଳସେଚନ ପ୍ରକଳ୍ପ ସମାପ୍ତ ହେବ ବୋଲି କୁହାଯାଉଛି। ତେବେ ଅନ୍ୟପଟେ ପ୍ରକଳ୍ପ ପ୍ରଭାବିତ ୨୯ଟି ଗାଁରୁ ଏଯାବତ୍ ଅଧିକାଂଶ ଗାଁରେ ବିସ୍ଥାପନ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇନଥିବାରୁ ଏତେ କମ୍ ସମୟ ମଧ୍ୟରେ ବୁଡିଅଞ୍ଚଳର ଲୋକେ କିଭଳି ଗାଁ ଛାଡିବେ ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ଲୋକଙ୍କୁ ସମୟ ନ ମିଳିଲେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଉଛି।


ଲୋୟର ସୁକ୍‌ତେଲ ପ୍ରକଳ୍ପରେ ଯୁଦ୍ଧକାଳୀନ ଭିତ୍ତିରେ ରାତିରେ ଗ୍ୟାପ ଫିଲିଂ କାମ କରାଯାଉଛି।

## ସଂକ୍ଷେପରେ

### ନିର୍ମାଣର ବର୍ଷେ ପରେ ବି କାର୍ଯ୍ୟରେ ଆସୁନାହିଁ ଟାୱାର

**ଖଡ଼ିଆଳ,୧୦।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରାନିମୁଣ୍ଡା ପଞ୍ଚାୟତ ଗୁମା ଗ୍ରାମ ଖଡ଼ିଆଳଠାରୁ ୨୦ କିଲୋମିଟର ଦୂରତା ରହିଛି। ଏହି ଗ୍ରାମ ଜଙ୍ଗଲ ପାହାଡ ପରିବେଶରେ ରହିଥିବା ବେଳେ ବର୍ତ୍ତମାନ ମଧ ଏଠିକାର ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା



ଦେଖିବାକୁ ମିଳିଛି। ଏପରିକି ଏଠାରେ ବିଦ୍ୟୁତ୍ ସେବା, ପାନୀୟ ଜଳ, ସ୍ୱାସ୍ଥ୍ୟ ପରି ଅନେକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଗ୍ରାମଠାରୁ ବିଭିନ୍ନ ସହରାଞ୍ଚଳରେ ଲୋକେ ମୋବାଇଲ ସେବା ପାଇବା ସହ ପାଠ ପଢ଼ିବା ବି ଅନଲାଇନ ଯୋଗେ ହେଉଥିବା ବେଳେ ଏହି ପାହାଡିଆ ଅଞ୍ଚଳ ପାଇଁ ଏହି ସେବା ସାତ ସପନ ହୋଇପଡ଼ିଛି। ଗ୍ରାମବାସୀ ଦାବି କରିବା ପରେ ଗତବର୍ଷ ଟାୱାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏବେ ଟାୱାର ନିର୍ମାଣର ବର୍ଷେ ହୋଇଗଲା ହେଲେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଗୁମା ଗ୍ରାମବାସୀ ଏହି ସେବା ପାଇବାରେ ବଞ୍ଚିତ ଅଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସେବା ଶୀଘ୍ର କାର୍ଯ୍ୟକାରୀ କରିବାକୁ ଗିରିଧାରୀ ମାଝି, ନୀଳକଣ୍ଠ ମାଝି, ସୁନ୍ଦର ମାଝି, ନରେଶ ମାଝି, ରାମଚନ୍ଦ୍ର ମାଝି, ତ୍ରିନାଥ ମାଝି, ବରୁଣ ମାଝି, ସୁଧୀର ମାଝିଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ତୁକାରାମ ହିଆଲଙ୍କୁ ପଚାରିବାରୁ ଆମେ ଅନେକ ଥର ଅଭିଯୋଗ କରାଯାଇଛି । ହେଲେ ଏଯାଏଁ କୌଣସି ପଦକ୍ଷେପ ହୋଇ ପାରୁ ନ ଥିବା ପ୍ରକାଶ କରିଛନ୍ତି।

### ଖଡ଼ିଆଳ ଜୁଡିସିଆଲ ବାର୍ ଆସୋସିଏଶନ ପକ୍ଷରୁ ଶୋକସଭା

**ଖଡ଼ିଆଳ,୧୦।୪(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳସ୍ଥିତ ଜୁଡିସିଆଲ ବାର ହଲଠାରେ ଆସୋସିଏଶନ ପକ୍ଷରୁ ସ୍ୱର୍ଗତ ମଧୁସୂଦନ ଦାଶଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶିବ ପ୍ରଶାଦ ମେହେର ଅଧକ୍ଷତା କରିଥିବା ବେଳେ ଅନ୍ୟ ଆଇନଜୀବୀମାନେ ଯୋଗଦେଇ ଦାଶଙ୍କ ଜୀବନୀ ଏବଂ ଅଞ୍ଚଳ ପ୍ରତି ତାଙ୍କ ସେବା ମନୋବୃତି ଉପରେ ସ୍ମୃତିଚାରଣ କରି ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ଝିଅ ଭୁବନେଶରଠାରେ ରହି ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଶେଷକୃତ୍ୟ ପୁରୀ ସର୍ଗଦ୍ୱାରରେ ଅନୁଷ୍ଠିତ ହୋଇଛି।

### ଶ୍ରେଣୀଗୃହ ଅଭାବ, ଶିକ୍ଷାଦାନ ବିପର୍ଯ୍ୟସ୍ତ

**ରୁପ୍ରାରୋଡ,୧୦।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଭଗବାନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟ ଅତୀତରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିସାରିଛି। ତେବେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଶିକ୍ଷାଦାନ ଠିକ ଭାବେ ହୋଇ ପାରୁନାହିଁ । ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଭୋଇ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ତେବେ ପାଠ ପଢୁଥିବା ୧୫୩ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସକାଶେ ମୋଟ ୩ଟି ଶ୍ରେଣୀ ଗୃହ ଥିବା ଯୋଗୁ ଏଠାରେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଗତ ଫେବୃୟାରୀ ୧୫ ତାରିଖରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦାନ କରି ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାସତ୍ତ୍ୱେ ନୂତନ ଶ୍ରେଣୀ ଗୃହ ନିର୍ମାଣ ଦିଗରେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଶିକ୍ଷା ବିଭାଗ ଓ ବ୍ଲକ ପ୍ରଶାସନ ଯଥାଶୀଘ୍ର ଛାତ୍ରୀଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି ।

# କାଣ୍ଡବିନ୍ଧା ପୋକ ଲାଗି ଶହଶହ ଏକର ଧାନଚାଷ ନଷ୍ଟ



ପୋକ ଲାଗିଥିବା ଧାନ ଚାଷୀମାନେ ଦେଖାଉଛନ୍ତି।

**ନୂଆପଡ଼ା ଅଫିସ,୧୦।୪**

ନୂଆପଡା ସଦର ବ୍ଲକ ମୋଟା ନୂଆପଡା ପଞ୍ଚାୟତ ଧ୍ୱଜାଭଟା ଗାଁର ଶହ ଶହ ଏକର ଧାନ ଫସଲରେ କାଣ୍ଡବିନ୍ଧା ପୋକ ଲାଗି ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମୋଟା ନୂଆପଡା ସରପଞ୍ଚ ମୋତିଲାଲ ଉଜିର ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ଋଣ ଛାଡ ପାଇଁ ଦାବି କରିଛନ୍ତି। ଏହି ଚାଷ ଉପରେ କୃଷି ବିଭାଗ ଦୃଷ୍ଟି ନ ଦେଲେ ଚଳିତ ରବି ଋତୁରେ ଚାଷୀମାନେ ଅନେକ କ୍ଷତି ସହିବା ଆଶଙ୍କା ଦେଖାଦେଇଛି। ଶୀଘ୍ର କୃଷି ବିଭାଗ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ସରପଞ୍ଚଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି। ପ୍ରକାଶ ଯେ, ମୋଟା ନୂଆପଡା ପଞ୍ଚାୟତ ଧ୍ୱଜାଭଟା ଗ୍ରାମଠାରେ ମଧ୍ୟମ ଜଳସେଚନ ବିଭାଗର ପ୍ରକଳ୍ପ ପାଣିରୁ ପ୍ରତିବର୍ଷ ମୋଟା ନୂଆପଡା, ତୋର୍ଗା ଓ ଧ୍ୱଜାଭଟା ଗ୍ରାମର ଚାଷୀମାନେ ଖରିଫ ଓ ରବି ଋତୁରେ ଏକର ଏକର ଜମିରେ ଧାନ ଚାଷ କରିଥାନ୍ତି। ଚଳିତବର୍ଷ ପ୍ରକଳ୍ପରେ ଜଳସ୍ତର ଭଲ ରହିଥିବାରୁ ଅଧିକାଂଶ ଚାଷୀ ୧୧୫୬, ୧୦୧୦, ଯମୁନା ଭଳି ସରକାରୀ ଧାନ ଚାଷ କରିଥିଲେ। କିନ୍ତୁ ଧାନ କେଣ୍ଡା ଧରିବା ବେଳକୁ କାଣ୍ଡନିନ୍ଧା ପୋକ ଚାଷୀଙ୍କୁ ଦାଉ ସାଧୁଛି। ଧାନ କେଣ୍ଡା ଶୁଖି ଯାଉଛି। କ୍ଷେତରେ ସୁନାର ଫସଲ ହସୁଥିବା ସମୟରେ କାଣ୍ଡବିନ୍ଧା ପୋକ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅଧିକାଂଶ ଜମିରେ ଫସଲ ସବୁ ନଷ୍ଟ ହେବାରେ ଲାଗିଲାଣି। ମୋଟା ନୂଆପଡା, ତୋର୍ଗା ଓ ଧ୍ୱଜାଭଟା ଗ୍ରାମର ଶହ ଶହ ଏକର ଜମିରେ କାଣ୍ଡବିନ୍ଧା ପୋକ ଲାଗିଛି। ଧାନ ଫସଲ ଦେଖି

### ପ୍ରାଥମିକ କୃଷି ସମବାୟ ସମିତି ଋଣ ଛାଡ ଦାବି

ବର୍ତ୍ତମାନ ଧାରକରଜ ସୁଝିବା ନେଇ ଚିନ୍ତାରେ ଚାଷୀ। ସେଥି ମଧ୍ୟରୁ ଭୁଲକି ଉଜିରଙ୍କ ୫ ଏକର, ସନ୍ତୁଲାଲ ଉଜିରଙ୍କ ୩ ଏକର, ଯୋଗେଶ୍ୱର ଉଜିରଙ୍କ ୩ ଏକର, ଦେଓଲାଲ ଉଜିର ୫ ଏକର, ଉମାଶଙ୍କର ଉଜିର ୫ ଏକର, ଇନ୍ଦୁ ଉଉଜିର ୨.୫୦ ଡେସିମିଲ, ପ୍ରଭୁଲାଲ ଉଜିର ୧୦ ଏକର, ଅଗରଥିନ କେଉଟ ୨ ଏକର, ମୋତିଲାଲ ଉଜିର ୪ ଏକର ଏପରି ଅନେକ ଚାଷୀ କାହାର ୨ ଏକର ତ କାହାର ୩ ଏମିତି ଚାଷ ନଷ୍ଟ ହେବାରେ ଲାଗିଛି। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କୁ ପଚାରିବାରୁ ମୁଁ ଏହି ବିଷୟରେ ଏବେ ଖବର ପାଇଛି। ମଙ୍ଗଳବାର ସୁଦ୍ଧା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହ ସହକାରୀ କୃଷି ଅଧିକାରୀଙ୍କୁ ପଠାଇ ଫସଲର ସମୀକ୍ଷା କରି କରିବେ। କୃଷକମାନଙ୍କୁ ସରକାରୀ ପକ୍ଷରୁ ଯେତେ ସହଯୋଗ ଦେବାର କଥା ଦିଆଯିବ ବୋଲି କହିଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ବିଡିଓ, ତହସିଲଦାରଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଚାଲିଛି।

**କେସିଙ୍ଗା,୧୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଚାଞ୍ଚେର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଆଞ୍ଜୁ କୁମାରଙ୍କ ନେତୃତ୍ୱରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଅଦୁ, ତହସିଲଦାର ଯୋଗେଶ୍ୱର ସାହୁ, ଜିପିଓ ଜୟନ୍ତ କୁମାର ମୁଣ୍ଡ, ଖାଦ୍ୟ ଯୋଗାଣ ସହକାରୀ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୩୮୧ଜଣ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୭୮, ବାର୍ଦ୍ଧକ୍ୟ ଭତ୍ତା ୩୨, ରାଶନ କାର୍ଡ ପାଇଁ ୬୨ ଅଭିଯୋଗ କରିଥିଲେ। ବିଭିନ୍ନ ସମସ୍ୟା ବିଷୟରେ ୯ଜଣ, ଦିବ୍ୟାଙ୍ଗ ୫୬ଜଣ ସର୍ବମୋଟ ୩୮୧ଜଣ ଅଭିଯୋଗ କରିଥିଲେ। ଚାଞ୍ଚେର ପଞ୍ଚାୟତ ନିର୍ବାହୀ ଅଧିକାରୀ ଲମ୍ବୋଦର ଶିଖା ପରିଚାଳନା କରିଥିଲେ। ସ୍ଥାନୀୟ ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ଗ୍ରାମପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟ ସହଯୋଗ କରିଥିଲେ।

# ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅତିଥି।

**ବଲାଙ୍ଗୀର ଅଫିସ, ୧୦।୪**

ବଲାଙ୍ଗୀର ଗସ୍ତରେ ଆସି ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ବଲାଙ୍ଗୀର ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ, ସମ୍ବିଧାନ ପ୍ରଣୟନ ସଭା ସଦସ୍ୟ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ସଂଗ୍ରାମୀ ଜୀବନ ଏବଂ ପରାଧୀନ ଭାରତର ମୁକ୍ତି ଆନ୍ଦୋଳନରେ ତାଙ୍କର ଭୂମିକା ଉପରେ କହିଥିଲେ। ୧୯୩୮ ମସିହାରେ ଭାରତ ପତାକା ଉଠାଇବା କମ୍ କଥା ନଥିଲା ବୋଲି ସେ କହିଥିଲେ। ପ୍ରତ୍ୟେକ ଜୀବ ପାଇଁ ସ୍ୱାଧୀନତା ହିଁ ସବୁଠୁ ପ୍ରିୟ। ଏଣୁ ଗାନ୍ଧୀଙ୍କ ସମୟରେ ଯେଉଁମାନେ ସ୍ୱାଧୀନତା ପାଇଁ ନିଜ ଜୀବନକୁ ବାଜି ଲଗାଇଲେ ସେମାନେ ସମସ୍ତେ ବନ୍ଦନୀୟ ଓ ପୂଜନୀୟ ବୋଲି ରାଜ୍ୟପାଳ ପ୍ରଫେସର ଲାଲ କହିଥିଲେ। ଏହି ସଭାରେ ବିଧାୟକ ନରସିଂହ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅମରେନ୍ଦ୍ର ମିଶ୍ର ଓ କଲେଜ ଅଧକ୍ଷ ସଞ୍ଜୀବ କୁମାର ପ୍ରଧାନ, କଲେଜର ସମସ୍ତ ଷ୍ଟାଫ୍ ଉପସ୍ଥିତ ଥିଲେ। କିଛିଦିନ ପୂର୍ବରୁ ବଲାଙ୍ଗୀର ଆଇନ ମହାବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ କରାଯିବା ପରେ ସୋମବାର ରାଜ୍ୟପାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।

### ରୋଗଣା ସ୍ୱାମୀଙ୍କ ଚିକିତ୍ସା ପାଇଁ ଦାଦନ ଯାଇଛନ୍ତି ସ୍ତ୍ରୀ

**ଖଡ଼ିଆଳ,୧୦।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସାନମହେଶର ଘରଧରା ଗ୍ରାମର ଗୌରାଙ୍ଗ ଶବର (୩୦) ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଫଳରେ ସ୍ୱାମୀଙ୍କ ଚିକିତ୍ସା ନେଇ ସ୍ତ୍ରୀ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇଛନ୍ତି। କିଛି ବର୍ଷ ପୂର୍ବେ ବାପାମା'ଙ୍କ ପରଲୋକ ଘଟିଥିଲା। ଦୁଃଖ ଯନ୍ତ୍ରଣାରେ ସ୍ତ୍ରୀ ରେମତୀ ସହ ଜୀବନ ଯାପନ କରୁଥିଲେ। ଦୁଇ ବର୍ଷ ପୂର୍ବେ ତାଙ୍କ ଗୋଡ ହାତ ଦରଦ ହେବାରୁ ଖଡ଼ିଆଳ ଯାଇ ଚିକିତ୍ସା କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଚିକିତ୍ସା କରିଥିଲେ। ପାଦ ଫୁଲିବା ସହ ଗଲା ଫୁଲିବାରୁ ଖାଇବା ପିଇବାରେ ଅସୁବିଧା ସୃଷ୍ଟି ହେଲା। ନିଜର ସୁନା ରୁପା ବିକ୍ରି କରି ସ୍ୱାମୀର ଯତ୍ନ କଲେ ରେମତୀ। କିନ୍ତୁ ସ୍ୱାମୀଙ୍କ ଦେହ ଭଲ ହଉନାହିଁ। ଚିକିତ୍ସା ପାଇଁ ଅର୍ଥ ଅଭାବ ସହ ଦାନା ଯୋଗାଡ଼ ପାଇଁ ଅହରହ ସଂଘର୍ଷ କରିବାକୁ ପଡିଲା। ଏକାକୀ ଅତି କଷ୍ଟରେ ଜୀବନ ବିତୁଛି ଗୌରାଙ୍ଗ। ଭଲରେ ଉଠିବସି ପାରୁ ନାହାନ୍ତି। ଗୌରାଙ୍ଗଙ୍କୁ ସରକାରୀ ସହଯୋଗ କିଛି ମିଳିପାରୁନାହିଁ। ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ଏକ ମାସର ରାଶନ ସାମଗ୍ରୀ ଚାଉଳ ଏକ ବସ୍ତା ସହଯୋଗ କରି ଚିକିତ୍ସା ନେଇ ଆବଶ୍ୟକ ପଦକ୍ଷେପ ନେଇଛନ୍ତି।

# ନିଯୁକ୍ତି ପୂର୍ବରୁ ନକଲି ପୋଷ୍ଟ ମାଷ୍ଟର ଫେରାର

### ସାର୍ଟିଫିକେଟ ଯାଞ୍ଚ ପାଇଁ ଯାଇଛି ୪ଟି ବୋର୍ଡ

**ଭବାନୀପାଟଣା,୧୦।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଡାକ ବିଭାଗରେ ଗତ କିଛି ଦିନ ତଳେ ୧୦୫ଟି ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ଜଣ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ୨୭ଜଣ ଅନୁପସ୍ଥିତ ଥିଲେ। ସମ୍ପୃକ୍ତ ୨୭ଜଣ ନକଲି ସାର୍ଟିଫିକେଟ ଦେଇ ଆବେଦନ କରିଥିବା ଆଶଙ୍କା କରାଯାଉଛି। ସାର୍ଟିଫିକେଟ ଯାଞ୍ଚ ପାଇଁ ୪ଟି ବୋର୍ଡ଼କୁ ପଠାଯାଇଛି। ଅନ୍ୟପଟେ ଜାଲ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ମାଷ୍ଟର ଭାବେ କଳାହାଣ୍ଡିର ରୁଦ୍ରମଣୀ ମିଶ୍ର ନିଯୁକ୍ତି ପାଇଁ ବିବେଚିତ ହୋଇଥିଲେ। ସାର୍ଟିଫିକେଟ ଯାଞ୍ଚ ସମୟରେ ଜାଲିଆତି ଜଣାପଡିବା ପରେ ବର୍ତ୍ତମାନ ସେ ଫେରାର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ଗ୍ରାମର ରୁଦ୍ରମଣୀ ମିଶ୍ର ଉତ୍ତରପ୍ରଦେଶ ବୋର୍ଡର ଦଶମ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକ ମାଷ୍ଟର ଭାବେ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ରୁଦ୍ରମଣୀ ସମ୍ବଲପୁର ଡାକ ମଣ୍ଡଳ ଅଧୀନ ବରଗଡ଼ ଜିଲା ବରପାଲି ବ୍ଲକ କନବାର ଗ୍ରାମରେ ପୋଷ୍ଟମାଷ୍ଟର



ରୁଦ୍ରମଣି ମିଶ୍ର

ଭାବେ ନିଯୁକ୍ତି ପାଇଥାନ୍ତେ। ଏହା ପୂର୍ବରୁ ସେ ଫେରାର ହୋଇଛନ୍ତି। ସେ ମାତୃଭାଷା ଓଡ଼ିଆରେ ୯୭ ମାର୍କ ରଖି ପାସ କରିଛନ୍ତି। କିନ୍ତୁ ଉତ୍ତରପ୍ରଦେଶ ବୋର୍ଡରେ ଓଡ଼ିଆ ଭାଷା ନ ଥିବା ବେଳେ ସେ ଓଡ଼ିଆରେ ସର୍ବାଧିକ ମାର୍କ ଥିବା ଦେଖି ବିଭାଗୀୟ ଅଧିକାରୀଙ୍କୁ ସନ୍ଦେହ ହେବା ପରେ ତାଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଏହି ଜାଲିଆତି ଜଣାପଡିବା ପରେ ତାଙ୍କ ଗାଁର ଆଉ କିଛି ଯୁବକ ଜାଲ ସାର୍ଟିଫିକେଟ ଦେଇ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଡାକ ଅଧୀକ୍ଷକ ବିଜୟ ମହାନ୍ତିଙ୍କୁ ପଚାରିବାରୁ ସାର୍ଟିଫିକେଟ ଯାଞ୍ଚ ପାଇଁ ୪ଟି ବୋର୍ଡ଼କୁ ପଠାଯାଇଛି, ସେଠାରୁ ଆସିଲେ ସତ୍ୟତା ଜଣାପଡିବ ବୋଲି କହିଥିଲେ।

# ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେଲା ସ୍ଥାୟୀ କିରାଣି ପଦବୀ ଖାଲି




ଜୁନାଗଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟ।

**ଭବାନୀପାଟଣା,୧୦।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ସ୍ଥାୟୀ କିରାଣି ପଦବୀ ଗତ ଦେଢ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲିପଡିଛି। ଫଳରେ ବିଦ୍ୟାଳୟର ଅଧକ୍ଷ ସେହିଦିନଠାରୁ ଏହି କାମ କରୁଛନ୍ତି। ଅଧକ୍ଷ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ସହ ପରିଚାଳନା ଦାୟିତ୍ୱ ଓ କିରାଣି ଦାୟିତ୍ୱ ଏକା ସାଙ୍ଗରେ କରୁଛନ୍ତି। ଏସବୁ ଦାୟିତ୍ୱକୁ ବୁଝୁବୁଝୁ ତାଙ୍କ ପାଠ ପଢାଇବାରେ ବେଳେ ବେଳେ ବାଧା ସୃଷ୍ଟି ହୋଇଥାଏ। ଜିଲାର ପ୍ରାୟ ଓଏଭିରେ କିରାଣି ରହିଥିବାବେଳେ କେବଳ ଜୁନାଗଡରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାରେ ପୂର୍ବରୁ କିରାଣୀ ଥିବା ବିବେକାନନ୍ଦ ସାହୁ ହାଇସ୍କୁଲ ଶିକ୍ଷକ ପାଇବା ପରେ ୨୪।୮।୨୧ରେ

#### ଅଧକ୍ଷ କରୁଛନ୍ତି କିରାଣି କାମ

କିରାଣୀ ପଦବୀ ଛାଡି ଚାଲିଯାଇଥିଲେ। ଫଳରେ ସେହିଦିନଠୁ ଏହି ପଦବୀ ଖାଲି ପଡିଛି। ଶିକ୍ଷା ବିଭାଗ ପକ୍ଷରୁ କୋକସରା ଓଏଭିର କାର୍ଯ୍ୟରତ କିରାଣୀଙ୍କୁ ଡେପୁଟେଶନରେ ୩ ଦିନ ଏଠାକୁ ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ କିରାଣି ମଧ ମଝିରେ ମଝିରେ ଆସି କାର୍ଯ୍ୟ ତୁଲାଉଥିବା ଜଣାପଡିଛି। ଏଠାରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ପ୍ରାୟ ୫ଶହଜଣ ଛାତ୍ରୀଛାତ୍ର ଅଧୟନ କରନ୍ତି। ଫଳରେ ସେମାନଙ୍କ ଏଡମିଶନ, କାଗଜ ପତ୍ର ପରିଚାଳନା କରିବା ପାଇଁ କିରାଣୀର ଆବଶ୍ୟକ ରହିଛି। ଏଠାରେ ଏକ ସ୍ଥାୟୀ କିରାଣୀ ପଦବୀ ଦେବାକୁ ଶିକ୍ଷା ବିଭାଗଙ୍କୁ ସ୍ଥାନୀୟ ଅଭିଭାବକ ଦାବି କରିଛନ୍ତି।

# ମହୁଲ ଗୋଟାଳିଙ୍କୁ ମିଳୁନି ଉଚିତ ମୂଲ୍ୟ

- ସରକାରୀ ଭାବେ ବିକ୍ରି ବ୍ୟବସ୍ଥା ଦାବି
- କମ୍ ଦରରେ ବିକ୍ରି, ଦଲାଲ ମାଲାମାଲ

**ଖଡ଼ିଆଳ,୧୦।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଉପାନ୍ତ ଅଞ୍ଚଳରେ ଏବେ ମହୁଲ ଫୁଲ ସଂଗ୍ରହ ଆରମ୍ଭ ହୋଇଯାଇଛି। ସକାଳୁ ଗ୍ରାମାଞ୍ଚଳ ମହିଳାମାନେ ମୁଣ୍ଡରେ ଟୋକେଇ ଧରି ପରିବାର ଅନ୍ୟ ସଦସ୍ୟମାନଙ୍କ ସହ ମହୁଲ ଗଛ ନିକଟରେ ପହଞ୍ଚି ମହୁଲ ଫୁଲକୁ ସଂଗ୍ରହ କରନ୍ତି। ବହୁ କଷ୍ଟରେ ମହୁଲ ଫୁଲ ସଂଗ୍ରହ କରି ଆଣୁଥିଲେ ହେଁ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ମହୁଲ ଗୋଟାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମହୁଲ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଶେଷରେ ବାଧ ହୋଇ ଅତି କମ ଦରରେ ଦଲାଲଙ୍କ ହତାରେ ଟେକି ଦେଉଛନ୍ତି। ବ୍ଲକର ଅର୍ଦ୍ଧାଧିକ ଗ୍ରାମାଞ୍ଚଳରେ ମହୁଲ ଫୁଲ ସଂଗ୍ରହ ଜୋର ସୋରରେ ବର୍ତ୍ତମାନ ଚାଲିଛି। ୬ ରୁ ୮ ଦିନ ଖରାରେ ଶୁଖାଇବା ପରେ ବିକ୍ରି କିଭଳି କରାଯିବା ସେ ନେଇ ଚିନ୍ତା କରିଥାନ୍ତି। କିନ୍ତୁ ବଜାର ସୁବିଧା ନ ଥିବାରୁ ଶେଷରେ ମଦଭାଟି ଦଲାଲଙ୍କ ନିକଟରେ କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ତେବେ ପରିଶ୍ରମ ତୁଳନାରେ ଯଥେଷ୍ଟ କମ ହେଉଥିବାରୁ ସରକାରୀ ଭାବେ ବିକ୍ରି ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରତି ପଞ୍ଚାୟତରେ ପ୍ରସାଶନ ପକ୍ଷରୁ ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ କ୍ରୟ କରିବା ପାଇଁ ୨୦୦୨ରେ ଗ୍ରାମପଞ୍ଚାୟତକୁ ଦର ଧାର୍ଯ୍ୟ ପାଇଁ ସରକାର କ୍ଷମତା ଦେଇଛନ୍ତି। ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ହିଁ ପଞ୍ଚାୟତର ମହୁଲ କ୍ରୟ କରିବା ନିୟମ ହୋଇଛି। ହେଲେ ସରକାରୀ ନିୟମ ସମ୍ପର୍କରେ ଏମାନେ ଜାଣି ନ ଥିବାରୁ ଦଲାଲକୁ କମ ମୂଲ୍ୟରେ ବିକ୍ରି କରୁଛନ୍ତି। ଫଳରେ ଦଲାଲମାନେ ମାଲାମାଲ ହେଉଛନ୍ତି। ପଞ୍ଚାୟତସ୍ତରରେ ମହୁଲ କିଣିବା ବ୍ୟବସ୍ଥା କରାଗଲେ ମହୁଲ ଗୋଟାଳିମାନେ ଲାଭବାନ ହୋଇ ପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ତୁରନ୍ତ ପ୍ରସାଶନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ବଜାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଅନ୍ୟପକ୍ଷରେ ମଦ ଭାଟି ମାଲିକମାନେ ଗ୍ରାମାଞ୍ଚଳରେ ଶହ ଶହ ଦଲାଲ, କୁଟିଆ ବେପାରୀମାନଙ୍କୁ ନିୟୋଜିତ କରି କମ ଦରରେ ମହୁଲ କିଣି ଭାଟିରେ ଲୁକ୍କାୟିତ ଭାବେ ଦେଉଥିବାରୁ ମହୁଲ ଗୋଟାଳି ତା'ର ଠିକ ପ୍ରାପ୍ୟ ପାଉନ ଥିବାବେଳେ ମଦ ଭାଟି ମାଲିକମାନେ ମଲେମାଲ ହେଉଛନ୍ତି। ଅନ୍ୟପକ୍ଷରେ ଭାଟି ମାଲିକମାନେ କଳା ବଜାରରୁ ମହୁଲ କିଣି କେବଳ କାଗଜ କଲମରେ ସରକାରଙ୍କୁ ବହୁତ ପରିମାଣର ମହୁଲ କିଣୁଥିବା ଦେଖାଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ମହୁଲ ସଂଗ୍ରହକାରୀ ଚାଷୀ ସବୁଦିନ ପାଇଁ ଶୋଷଣର ଶିକାର ହେଉଥିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



ଜଣେ ମହିଳା ମହୁଲ ଫୁଲ ଶୁଖାଉଛନ୍ତି।

## ସଂକ୍ଷେପରେ

### ପ୍ରଶସ୍ତ କଂକ୍ରିଟ ରାସ୍ତା ଦାବି କଲେ ଗ୍ରାମବାସୀ

**ଡୁଙ୍ଗୁରିପାଲି, ୧୦।୪ ( ଡି ଏନ ଏ ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରାଠାରେ ଚାଲିଥିବା ଗ୍ରାମ୍ୟ ନିର୍ମାଣ ବିଭାଜନ ସୋନପୁର ବିଭାଗରୁ ୨କୋଟି ୬୪ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କାମ ଚାଲିଛି। ଏହି ରାସ୍ତା କାମ ଦିଗଶିରା ହରିଜନ ପଡାଠାରୁ ଆରମ୍ଭ ହୋଇ ସୁନାପାଲି ଭାୟା ସହଲା ପର୍ଯ୍ୟନ୍ତ ମଞ୍ଜୁର ହୋଇଛି । କାମ ବର୍ତ୍ତମାନ ଦିଗଶିରା ଗାଁର ଝାଙ୍କର ବନ୍ଧଠାରୁ ହସ୍ପିଟାଲ ଛକ ପର୍ଯ୍ୟନ୍ତ ଚାଲିଥିବା ବେଳେ ଚଉଡା କଙ୍କ୍ରିଟ ରାସ୍ତା ତିଆରି କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ପୂର୍ବରୁ ପ୍ରଶାସ୍ତ ରାସ୍ତା ଥିବାବେଳେ ବର୍ତ୍ତମାନର ରାସ୍ତା ୫ମିଟର ୫୦ ହିସାବରେ କରାଯାଉଥିବାରୁ ଏହାକୁ ବିରୋଧ କରି ଗ୍ରାମବାସୀ ଦୁଇ ଦିନ କାମ ବନ୍ଦ କରିଥିଲେ । ରାସ୍ତାପାର୍ଶରେ ଗାଡ଼ୱଲ ତିଆରି କରିବା ପାଇଁ ଦାବି କରିଥିଲେ । ସୋମବାର ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତା କଂକ୍ରିଟକରଣ ସହ ପାର୍ଶ୍ୱରେ ଗାଡୱଲ ତିଆରି କରାଯିବ ବୋଲି ସହକାରୀ ଯନ୍ତ୍ରୀ କହିଥିବା ଜଣା ପଡିଛି ।

### ନିର୍ମାଣର ବର୍ଷେ ପରେ ବି କାର୍ଯ୍ୟରେ ଆସୁନାହିଁ ଟାୱାର

**ଖଡ଼ିଆଲ,୧୦।୪(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ରାନିମୁଣ୍ଡା ପଞ୍ଚାୟତ ଗୁମା ଗ୍ରାମ ଖଡ଼ିଆଳଠାରୁ ୨୦ କିଲୋମିଟର ଦୂରତା ରହିଛି। ଏହି ଗ୍ରାମ ଜଙ୍ଗଲ ପାହାଡ ପରିବେଶରେ ରହିଥିବା



ବେଳେ ବର୍ତ୍ତମାନ ମଧ ଏଠିକାର ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଛି। ଏପରିକି ଏଠାରେ ବିଦ୍ୟୁତ୍ ସେବା, ପାନୀୟ ଜଳ, ସ୍ୱାସ୍ଥ୍ୟ ପରି ଅନେକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଗ୍ରାମଠାରୁ ବିଭିନ୍ନ ସହରାଞ୍ଚଳରେ ଲୋକେ ମୋବାଇଲ ସେବା ପାଇବା ସହ ପାଠ ପଢିବା ବି ଅନଲାଇନ ଯୋଗେ ହେଉଥିବା ବେଳେ ଏହି ପାହାଡିଆ ଅଞ୍ଚଳ ପାଇଁ ଏହି ସେବା ସାତ ସପନ ହୋଇପଡ଼ିଛି। ଗ୍ରାମବାସୀ ଦାବି କରିବା ପରେ ଗତବର୍ଷ ଟାୱାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏବେ ଟାୱାର ନିର୍ମାଣର ବର୍ଷେ ହୋଇଗଲା ହେଲେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଗୁମା ଗ୍ରାମବାସୀ ଏହି ସେବା ପାଇବାରେ ବଞ୍ଚିତ ଅଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସେବା ଶୀଘ୍ର କାର୍ଯ୍ୟକାରୀ କରିବାକୁ ଗିରିଧାରୀ ମାଝି, ନୀଳକଣ୍ଠ ମାଝି, ସୁନ୍ଦର ମାଝି, ନରେଶ ମାଝି, ରାମଚନ୍ଦ୍ର ମାଝି, ତ୍ରିନାଥ ମାଝି, ବରୁଣ ମାଝି, ସୁଧୀର ମାଝିଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ତୁକାରାମ ହିଆଲଙ୍କୁ ପଚାରିବାରୁ ଆମେ ଅନେକ ଥର ଅଭିଯୋଗ କରାଯାଇଛି । ହେଲେ ଏଯାଏଁ କୌଣସି ପଦକ୍ଷେପ ହୋଇ ପାରୁ ନ ଥିବା ପ୍ରକାଶ କରିଛନ୍ତି।

# ଦେବୋତ୍ତର ବିଭାଗ ଜମି ଅସୁରକ୍ଷିତ

**ଜବରଦଖଲ ସହ ବେଆଇନ ଭାବେ ବିକ୍ରି ହେଉଛି**

**ସୋନପୁର,୧୦।୪(ନି.ପ୍ର.)**

ମନ୍ଦିରମାଳିନୀ ତଥା ଐତିହ୍ୟ ସମ୍ପନ୍ନ ସୁବର୍ଣ୍ଣପୁର ଜିଲାରେ ରହିଛି ଶତାଧିକ ଏକର ଦୋବୋତ୍ତର ଜମି। ଏହି ସବୁ ଜମି ଜିଲା ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ଦେବାଦେବୀଙ୍କ ନାମରେ ରହିଛି। ବିଭିନ୍ନ ମନ୍ଦିରର ସେବାୟତଙ୍କ ନାମରେ ମଧ ଶତାଧିକ ଏକର ମୂଲ୍ୟବାନ ଜମିଅଛି। ଗଡଜାତ ଅମଳରେ ରାଜାମାନେ ଦେବାଦେବୀଙ୍କ ଦୈନିକ ରୀତିନୀତି, ବଳୀଯାତ୍ରା ଓ ସେବା କାର୍ଯ୍ୟ ପାଇଁ ସେବାୟତଙ୍କୁ ମୂଲ୍ୟବାନ ଜମି ଦେଇଥିଲେ। ଏହି ସବୁ ଜମିକୁ ସେବାୟତମାନେ ଭୋଗ ଦଖଲ କରି ଆସୁଛନ୍ତି। ଅନ୍ୟ ସବୁ ଜମିର ଆୟରୁ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗିଥାଏ। କିନ୍ତୁ ଏବେ ଦେବୋତ୍ତର ବିଭାଗର ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି । ଆଉ କିଛି ଜମିକୁ ସେବାୟତମାନେ ଚକ୍ଷକତା କରି ବିକ୍ରି କରିଛନ୍ତି। ଏହି ଜମି କୌଣସିମତେ ବିକ୍ରି ହୋଇ ପାରିବ ନାହିଁ ବୋଲି ନିୟମ ଥିଲେ ମଧ କେତେକ ତହସିଲଦାରଙ୍କ କାରଣରୁ ପୂର୍ବରୁ ଜମି ବେଆଇନଭାବେ ବିକ୍ରି ହୋଇଛି।

ସୂଚନା ଅନୁଯାୟୀ ସୁବର୍ଣ୍ଣମେରୁ ମନ୍ଦିର ପାଇଁ ୭୫.୦୮୪ ଏକର, ସୁରେଶ୍ୱରୀ ମନ୍ଦିର ପାଇଁ ୭.୪୨ ଏକର, ସମଲେଇ ମନ୍ଦିର ପାଇଁ ୧୭୨.୯୩୯ ଏକର, ବୃନ୍ଦାବନ ବିହାରୀ ମନ୍ଦିର ପାଇଁ ୩୦ ଏକର, ମାଣିକେଶ୍ୱରୀ ମନ୍ଦିର ପାଇଁ ୧୧.୯୮୦ ଏକର, ବୈଦ୍ୟନାଥର କୁଶଳେଶ୍ୱର ମହାଦେବଙ୍କ ପାଇଁ ୫.୭୭୦ ଏକର ଜମି ରହିଛି। ବିନିକା ବ୍ଲକର ସକ୍‌ମା ଗ୍ରାମରେ ଶତାଧିକ ଏକ ଜମି ସେବାୟତଙ୍କୁ ଦିଆଯାଇଛି। କିନ୍ତୁ ମନ୍ଦିରଗୁଡିକର ଏତେ ଜମି ଥିଲେ ମଧ ଦେବାଦେବୀଙ୍କ ପାଖରେ ଭୋଗ ଲଗାଇବା ପାଇଁ ଟଙ୍କା ନାହିଁ। ଦେବୋତ୍ତର ବିଭାଗ ମାସକୁ ଜଗନ୍ନାଥ ମନ୍ଦିର ପାଇଁ ୧ହଜାର ୨୦୦ଟଙ୍କା, ବୈଦ୍ୟନାଥ ମନ୍ଦିର ପାଇଁ ୩୦୦ଟଙ୍କା, ବୃନ୍ଦାବନ ବିହାରୀ ମନ୍ଦିର ପାଇଁ ୮୦୦ଟଙ୍କା ଓ ହନୁମାନ ମନ୍ଦିର ପାଇଁ ୫୦୦ଟଙ୍କା ଦେଉଛନ୍ତି। ଏତିକି ଟଙ୍କାରେ ଦେବାଦେବୀଙ୍କ ଗୋଟିଏ ବେଳା ଭୋଗ ପ୍ରସ୍ତୁତ ମଧ କଷ୍ଟ ହୋଇପଡୁଛି। କେବଳ ସେତିକି ନୁହେଁ ପୂଜକ ମାନେ ବିନା ପାରିଶ୍ରମିକରେ ପୂଜାର୍ଚ୍ଚନା କରୁଛନ୍ତି। ବିଭିନ୍ନ ମନ୍ଦିର ପାଇଁ ଚାଷ ଜମି ରହିଥିଲେ ମଧ ଅଧିକାଂଶ ଜମି ଜବର ଦଖଲରେ ରହିଛି। ସୋନପୁର ସହରରେ କେତେକ ବଡ ବଡିଆ ଲୋକ ଏହି ଜମିକୁ ଜବରଦଖଲ କରିଥିବାରୁ ପ୍ରଶାସନ ତାହା ହଟାଇବାକୁ ସାହାସ କରୁନାହିଁ। ଦେବୋତ୍ତର ଜମିରେ ଲୋକେ କୋଠା ନିର୍ମାଣ କରି ରହୁଛନ୍ତି। ଆଉ କେତେକ ଷ୍ଟଲ ନିର୍ମାଣ କରି ବ୍ୟବସାୟୀଙ୍କଠାରୁ ଭଡା ଆଦାୟ କରୁଛନ୍ତି। ଉପଜିଲାପାଳମାନେ ସୋନପୁର ଦୋବୋତ୍ତର ଅଧିକାରୀ ଦାୟିତ୍ୱରେ ରହୁଛନ୍ତି। କାର୍ଯ୍ୟବ୍ୟସ୍ତତା ଭିତରେ ସେମାନେ ଦୋବୋତ୍ତର ଜମିକୁ ସୁରକ୍ଷା ଦେଇ ପାରୁନାହାନ୍ତି। ଜବରଦଖଲ ଓ ବେଆଇନ ଭାବେ ଜମି ବିକ୍ରି ଦିନକୁ ଦିନ ବଢି ଚାଲିଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନ ଓ ଦୋବୋତ୍ତର ବିଭାଗ ଦେବୋତ୍ତର ଜମିରୁ ଜବରଦଖଲ ହଟାଇବା ସହ ଓ ବିକ୍ରି ହୋଇଥିବା ଜମି ପୁନଃ ଦେବାଦେବୀଙ୍କ ନାମକୁ ଫେରାଇ ଆଣିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

## ବାହାରିଲା କୃଷି ସଚେତନତା ରଥ

**ମୁରିବାହାଲ, ୧୦।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)କାର୍ଯ୍ୟାଳୟରେ ଭୁବନେଶ୍ୱରରୁ ଆସିଥିବା କୃଷି ସଚେତନତା ରଥର ସୋମବାର ଶୁଭାରମ୍ଭ କରାଯାଇଛି। ଏହି ରଥ ତିନିଦିନ ମଧ୍ୟରେ ବ୍ଲକର ସମସ୍ତ ୨୨ପଞ୍ଚାୟତ ମୁଖ୍ୟାଳୟ ବୁଲି ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବ। ଏହି ରଥ ମାଧ୍ୟମରେ ଆଧୁନିକ ପ୍ରଣାଳୀରେ କୃଷିର ବିକାଶ, ଚାଷର ଉନ୍ନତି ଉପରେ ସଚେତନତା ବାର୍ତ୍ତା ଦେବ। ଏହି କାର୍ଯ୍ୟକ୍ରମରେ ଆତ୍ମା ଅଧକ୍ଷ ସୁରେଶ କୁମାର ଭୋଇ, ମୁରିବାହାଲ ବ୍ଲକ ଭାରପ୍ରାପ୍ତ ଏଏଓ ରତିକାନ୍ତ ସେଠୀ, ଏଟିଏମ ବିଶ୍ୱରଞ୍ଜନ ବେହେରା ଓ କୃଷକ ସାଥୀ ବିଷମ ପଧାନ ଅତିଥିଭାବେ ଯୋଗ ଦେଇ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ବୌଦ୍ଧ ଜିଲା ଫୁଟବଲ୍ ନକ୍ଆଉଟ: କନ୍ଧମାଳ ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳି।

**ବୌଦ୍ଧ, ୧୦।୪(ସ୍ୱ.ପ୍ର)**

ବୌଦ୍ଧ ସହରର କଚେରୀ ଖେଳପଡିଆ ଠାରେ ସୋମବାର ଜିଲା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ତିନି ବ୍ଲକର ୩ଟି ଦଳ ଓ ଏନଏସିରୁ ଗୋଟିଏ ଦଳ ଅଂଶ ଗ୍ରହଣ କରିଥିଲେ। କନ୍ଧମାଳ ବ୍ଲକରୁ କନ୍ଧମାଳ ଦଳ, ବୌଦ୍ଧ ବ୍ଲକରୁ ସାହାଜପାଲ, ହରଭଙ୍ଗା ବ୍ଲକରୁ ମାଉଲସିଙ୍ଗା ଏବଂ ଏନ୍ଏସିରୁ ଗେହ୍ଲାମା କ୍ଲବ, ନୂଆସାହି ଦଳ ଯୋଗଦାନ କରିଥିଲେ। ମ୍ୟାଚରେ ଅତିଥିଭାବେ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ସତ୍ୟପ୍ରକାଶ ଦାସ ଯୋଗଦାନ କରିଥିଲେ। ଫାଇନାଲ ମ୍ୟାଚରେ କନ୍ଧମାଳ ଦଳ ଓ ସାହାଜପାଲ ଦଳ ମଧ୍ୟରେ ହୋଇଥିଲା। ଏଥିରେ କନ୍ଧମାଳ ଦଳ ଚାମ୍ପିୟନ ହୋଇଥିଲା। ମ୍ୟାଚକୁ ରେଫରୀ ଭାବେ ପ୍ରବୀଣ ବେହେରା, ସୂର୍ଯ୍ୟକାନ୍ତ ବେହେରା, ବଳିଆ ବେହେରା, ସମୀର ପ୍ରଧାନ, ପ୍ରହଲ୍ଲାଦ ଭୋକ୍ତା ଓ ବିଭୂତି ଭୂଷଣ ବେହେରା ପରିଚାଳନା କରିଥିଲେ।

## ଶ୍ରୀହରି ବିଦ୍ୟାଳୟ ନିକେତନର ବାର୍ଷିକ ଉତ୍ସବ

**ତରଭା, ୧୦।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଶ୍ରୀହରି ବିଦ୍ୟାନିକେତନର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିକେତନର ପରିଚାଳନା ନିର୍ଦ୍ଦେଶକ ଡ଼ ରାଜେଶ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ତରଭା ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ ଜୟରାମ ନାଏକ ଓ ସମ୍ମାନିତ ଅତିଥିଭାବେ ତରଭା ବିଜ୍ଞାପିତ ଅଞ୍ଚଳର ଉପାଧକ୍ଷ ଗଗନ ଅଗ୍ରୱାଲ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ସୁକାନ୍ତି ଏକାଡେମୀ ସୋନପୁରର ପ୍ରିନ୍ସିପାଲ ଡ଼ ବିଭୂତି ଭୂଷଣ ସାହୁ, ସମ୍ମାନୀତ ଅତିଥି କ୍ଷରୋଦ୍ର କୁମାର ମିଶ୍ର, ମେଡିକାଲ ଅଫିସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଭା ଓ ତରଭା ଥାନା ଅଧିକାରୀ ସୁବ୍ରତ କୁମାର ପାଣଗ୍ରାହୀ ଯୋଗ ଦେଇଥିଲେ। ଶ୍ରୀ ହରି ପରିଚାଳନା ନିର୍ଦ୍ଦେଶକ ଡ଼ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରିନ୍ସିପାଲ ଜିନାରଣୀ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସରକାରୀ କାର୍ଯ୍ୟାଳୟ ତମାଖୁମୁକ୍ତ କରିବାକୁ ଗୁରୁତ୍ୱ




କମିଟି ବୈଠକରେ ଜିଲାପାଳ ଓ ସଦସ୍ୟ ।

**ସୋନପୁର,୧୦।୪(ନି.ପ୍ର.)**

**ତମାଖୁ ନିୟନ୍ତ୍ରଣ ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ**

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ସୁବର୍ଣ୍ଣପୁର ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଶେଷ ସୁଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡିକୁ ତମାଖୁମୁକ୍ତ କରିବାକୁ ଜିଲାପାଳ ଦାଶ ପରାମର୍ଶ ଦେଇଥିଲେ। ଉପସ୍ଥିତ ସଦସ୍ୟମାନେ ନିଜ କାର୍ଯ୍ୟାଳୟକୁ ପ୍ରଥମେ ତମାଖୁ ମୁକ୍ତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସଚେତନତା ପ୍ରଚାର ସାମଗ୍ରୀ ବଣ୍ଟନ କରାଯାଇଥିଲା। ସହକାରୀ ପରିଚାଳକ ଗୀତାଞ୍ଜଳି ମେହେର ତମାଖୁ ନିୟନ୍ତ୍ରଣରେ ବିଭିନ୍ନ ବିଭାଗର ଭୂମିକା ଏବଂ ଗତବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ । ଡାକ୍ତର ରମେଶ ସ୍ୱାଇଁ , ଏଡିପିଏଚଓ (କୁଷ୍ଠ) ଡାକ୍ତର ପଦ୍ମହଂସା ଡୋରା, ଏନ୍ଏଚ୍ଏମ୍ ଡିପିଏମ ବିଶ୍ୱମ୍ଭର ବେହେରା, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଆରଟିଓ ଅକ୍ଷୟ କୁମାର ଜେନା, ଏଡିଇଓ ମଞ୍ଜୁଲତା ଭୋଇ, ରେଆର ର ଗୌରୀଶ୍ୟାମ ପଣ୍ଡା, ଏପିଡେମୋଲୋଜିଷ୍ଟ ଡକ୍ଟର ବିଷ୍ଣୁ ଚରଣ ମାଝି ଏବଂ ସମସ୍ତ କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅଭିଯୁକ୍ତଙ୍କୁ ତିନି ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ, ୧୦।୪(ସ୍ୱ.ପ୍ର.)**

**ମାଟ୍ରିକ ସାର୍ଟିଫିକେଟ ଜାଲିଆତି ମାମଲା**

ବୌଦ୍ଧ ଜିଲା ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ଶୁଭଙ୍କର ମହାନ୍ତି ସୋମବାର ମାଟ୍ରିକ ସାର୍ଟିଫିକେଟ ଜାଲିଆତି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୦୧୩ ମସିହାରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଜବଲପୁର ମିନି ଅଙ୍ଗନୱାଡି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ପଦବୀ ନିଯୁକ୍ତି ଆବେଦନ କରାଯାଇଥିଲା। ଏହି ପଦବୀ ପାଇଁ ଜବଲପୁର ଗ୍ରାମର ପୁଷ୍ପାଞ୍ଜଳି ଜଗଦଲା, କନକ ମଞ୍ଜରୀ ପଲିଆ ଓ ଅନ୍ୟମାନେ ଆବେଦନ କରିଥିଲେ। କିନ୍ତୁ ଆବେଦନ ସମୟରେ ପୁଷ୍ପାଞ୍ଜଳି ଜଗଦଲା ଦେଇଥିବା ମାଟ୍ରିକ୍ ସାର୍ଟିଫିକେଟ ଜାଲିଆତି ହୋଇଥିବା ନେଇ କନକ ମଞ୍ଜରୀ ପଲିଆ ଅଭିଯୋଗ କରିବା ସହ ପୁଷ୍ପାଞ୍ଜଳି ଓ ତାଙ୍କ ସ୍ୱାମୀ ସରୋଜ ଦୀପ ଗାଳି ମନ୍ଦ କରିଥିବା ନେଇ ବୌଦ୍ଧ ଏସ୍‌ଡିଜେମଙ୍କ ଅଦାଲତରେ ଏକ କମ୍ପ୍ଲେନକେନ ଗତ ୧୮।୧୨।୧୩ରେ ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ କୋର୍ଟଙ୍କ ଆଦେଶରେ ଉକ୍ତ ମାମଲାକୁ ହରଭଙ୍ଗା ପୋଲିସ ତଦନ୍ତ କରିବା ସହ ଥାନା କେସ ନଂ. ୬/୧୪ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତ ସମୟରେ ଅଭିଯୁକ୍ତ ପୁଷ୍ପାଞ୍ଜଳି ଦେଇଥିବା ମାଟ୍ରିକ୍ ସାର୍ଟିଫିକେଟ ହରଭଙ୍ଗା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରୁ ଜବତ କରିବା ସହ ବୋର୍ଡ କର୍ତ୍ତୃପକ୍ଷଙ୍କୁ ପଠାଯାଇଥିଲା । ତଦନ୍ତ କରି ପୁଷ୍ପାଞ୍ଜଳି ଓ ସରୋଜ ଦୀପଙ୍କ ନାମରେ ମାମଲା କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଅଦାଲତରେ ସିଟି କେସ ୬୮/୧୪ ହୋଇ ବିଚାର ହୋଇଥିଲା । ଏହି ମାମଲାରେ ସରକାରଙ୍କ ପକ୍ଷରୁ ୧୦ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଥିବା ନେଇ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ଶୁଭଙ୍କର ମହାନ୍ତି ଅଭିଯୁକ୍ତ ପୁଷ୍ପାଞ୍ଜଳି ଦଗଦଲାଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ସହ ୫୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରୋଜ ଦୀପଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ସରକାରୀ ଓକିଲ ଅଜିତ ପରିଡା ପରିଚାଳନା କରୁଥିଲେ।

## ବୌଦ୍ଧ ମଡ଼େଲ ଡିଗ୍ରୀ କଲେଜରେ ଜି-୨୦ ଜନଭାଗୀଦାରି କାର୍ଯ୍ୟକ୍ରମ




ମଡେଲ ଡିଗ୍ରୀ କଲେଜର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବୌଦ୍ଧ, ୧୦।୪(ସ୍ୱ.ପ୍ର.)**

ଆସନ୍ତା ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ପୂର୍ବରୁ ରାଜ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ଜନଭାଗିଦାରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏନେଇ ସୋମବାର ବୌଦ୍ଧ ମଡେଲ ଡିଗ୍ରୀ କଲେଜର ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଛି। ଡିଗ୍ରୀ ମଡେଲ କଲେଜର ଅଧକ୍ଷ ରବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଉନ୍ନତ ସମାଜ ଗଠନରେ ଶିକ୍ଷାର ଆବଶ୍ୟକତା ଶୀର୍ଷକ ଉପରେ ଏହି ସେମିନାର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଯୋଗଦେଇ ଶିକ୍ଷା ହିଁ ଉନ୍ନତ ସମାଜ ଗଠନର ମୂଳଦୁଆ ବୋଲି ମତବ୍ୟକ୍ତ କରିଥିଲେ। ଏଡ଼ିଏମ୍ ବବିତାରାଣୀ ଦଳବେହେରା ଯୋଗଦେଇଥିଲେ । ଏଥିରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଚାରିଶମ୍ଭୁ ମହାମିଳନ ଉତ୍ସବ

**ଅମରପାଲି,୧୦।୪(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦେଉଳମୁଣ୍ଡା ଗ୍ରାମରେ ସୋମବାର ଚାରିଶମ୍ଭୁ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ଜିଲା ଜୁରାମୁଣ୍ଡା ଗ୍ରାମର ସିଦ୍ଧେଶ୍ୱର ବାବା ଓ ବାଉଁଶୁଣୀର ଭୁବନେଶ୍ୱର ବାବା ତଥା ସୁବର୍ଣ୍ଣପୁର ଜିଲା ଲୁହାଖଣ୍ଡି ଗ୍ରାମର ରାମେଶ୍ୱର ବାବା ଓ ପିତାମହୁଲ ଗ୍ରାମର ଭୁବନେଶ୍ୱର ବାବାଙ୍କ ମଧ୍ୟରେ ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ମୁଖ୍ୟ ଛକ ଦେଇ ଦେଉଳମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ସମୟରେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପାଣି ଦଣ୍ଡ, ଧୂଳି ଦଣ୍ଡ ସାଙ୍ଗକୁ ରାତିରେ ବିଭିନ୍ନ ଦଣ୍ଡ ସୁଆଙ୍ଗ ପରିବେଷିତ ହୋଇଥିଲା। ଗ୍ରାମରେ ଚାରିଶମ୍ଭୁଙ୍କ ଏକାଠି ପୂଜାର୍ଚ୍ଚନା କରାଯାଇଥିଲା । ଉତ୍ସବ ଦେଖିବାକୁ ଆଖପାଖ ବିଭିନ୍ନ ଗ୍ରାମରୁ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା ।



ଦେଉଳମୁଣ୍ଡାରେ ଚାରିଶମ୍ଭୁ ଦଣ୍ଡମିଳନ ଅବସରରେ ଶ୍ରଦ୍ଧାଳୁ।

## ମଞ୍ଚସ୍ଥ ହେଲା ନାଟକ ମହାମାୟାବୀ ଇନ୍ଦ୍ରଜିତ ବଧ

**ବୌଦ୍ଧ ରାମଲୀଳା ଯାତ୍ରାର ଦ୍ୱାଦଶ ଦିବସ**

**ବୌଦ୍ଧ, ୧୦।୪(ସ୍ୱ.ପ୍ର.)**

ବୌଦ୍ଧର ପ୍ରସିଦ୍ଧ ଗଣପର୍ବ ରାମଲୀଳା ଉତ୍ସବ ସୋମବାର ଦ୍ୱାଦଶ ଦିବସରେ ପହଞ୍ଚିଛି। ଶ୍ରୀରାମଙ୍କ ଦ୍ୱାରା ପରମ ବିଷ୍ଣୁଭକ୍ତ ତରଣୀସେନର ମୁକ୍ତିପରେ ବିଭୀଷଣ ଏକମାତ୍ର ପୁତ୍ରର ମୃତ୍ୟୁକୁ ନେଇ ଶୋକରେ ଭାଙ୍ଗିପଡିଛନ୍ତି। ଅନ୍ୟପଟେ ରାବଣ ଭାତୃଦ୍ରୋହୀ ବିଭୀଷଣର ପୁତ୍ରର ମୃତ୍ୟୁ ପରେ ମନରେ ଖୁସିବ୍ୟକ୍ତ କରିଛି। ହେଲେ ଜଣେ ପରେ ଜଣେ ବୀର ଯୋଦ୍ଧାଙ୍କ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ହାତରେ ମୃତ୍ୟୁକୁ ନେଇ ଲଙ୍କାରେ ଶୋକର ପରିବେଶ ସୃଷ୍ଟି ହୋଇଛି। ପ୍ରତିଶୋଧର ନିଆଁରେ ଜଳୁଥିବା ମହାମାୟାବୀ ଇନ୍ଦ୍ରଜିତ ଯୁଦ୍ଧଯାତ୍ରା ପାଇଁ ପିତା ରାବଣ ଓ ମାତା ମନ୍ଦୋଦରୀଙ୍କଠାରୁ ଅନୁମତି ମାଗିଛି। ନିରୁପାୟ ହୋଇ ରାବଣ ନିଜର ପ୍ରିୟପୁତ୍ର ଇନ୍ଦ୍ରଜିତକୁ ଯୁଦ୍ଧକୁ ଯିବାକୁ ଅନୁମତି ଦେବା ସହିତ ବିଜୟୀ ହୋଇଆସିବାକୁ କହିଛି। ଯୁଦ୍ଧକୁ ଯାତ୍ରା କରିବା ପୂର୍ବରୁ ଇନ୍ଦ୍ରଜିତ ବିଜୟୀ ହେବାକୁ ଲଙ୍କାଗଡରେ ଅଧିଷ୍ଠିତ ନିକୁମ୍ଭିଳା ଦେବୀଙ୍କ ଠାରେ ପୂଜାର୍ଚ୍ଚନା ଓ ଯଜ୍ଞ ଆରମ୍ଭ କରିଛି। ଇନ୍ଦ୍ରଜିତର ଯଜ୍ଞ ପୂଜା ସମ୍ପୂର୍ଣ୍ଣ ହେଲେ ସେ ବରପ୍ରାପ୍ତ ହୋଇ ଯୁଦ୍ଧରେ ଅପରାଜିତ ହୋଇଯିବ ବୋଲି ବିଭୀଷଣ ପରାମର୍ଶ ଦେବା ପରେ ଶ୍ରୀରାମଙ୍କ ଆଦେଶକ୍ରମେ ଲକ୍ଷ୍ମଣ, ହନୁମାନ ଓ ବାନରସେନା ଇନ୍ଦ୍ରଜିତର ଯଜ୍ଞ ଭଙ୍ଗ ପାଇଁ ପହଞ୍ଚିଛି।



ରାମଲୀଳା ନାଟକର ଏକ ଦୃଶ୍ୟ।

ହନୁମାନ ଓ ବାନରସେନା ଦ୍ୱାରା ଇନ୍ଦ୍ରଜିତର ଯଜ୍ଞ ଭଙ୍ଗ ହୋଇଯିବା ପରେ ସେ ଉତ୍ତେଜିତ ହୋଇ ମାୟାଯୁଦ୍ଧ ଆରମ୍ଭ କରିଛି। ଲକ୍ଷ୍ମଣ ଓ ଇନ୍ଦ୍ରଜିତଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେବା ପରେ ଶେଷରେ ଲକ୍ଷ୍ମଣଙ୍କ ଦ୍ୱାରା ଇନ୍ଦ୍ରଜିତର ମୃତ୍ୟୁ ହୋଇଛି। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଭବାନୀଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା,ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନୋର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ବିଭୀଷଣ ପ୍ରମୋଦ ପ୍ରଧାନ, ରାବଣ ସୁଦାମ ବେରିହା ଓ ଇନ୍ଦ୍ରଜିତ ଭୂମିକାରେ ସନ୍ତୋଷ ବାଘ ପ୍ରମୁଖ ଉଚ୍ଚକୋଟିର ଅଭିନୟ କରିଥିଲେ।

## ସଂକ୍ଷେପରେ

### ମୂଳନିବାସୀ ମିଳିତ ମହାସଂଘର ସଚେତନତା ସଭା

**କୋକସରା,୧୦।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଆରଏମସି ପ୍ରାଙ୍ଗଣରେ ଲଡୁଗାଁ ମୂଳ ନିବାସୀ ସଚେତନ ମଞ୍ଚ ପକ୍ଷରୁ ଓବିସି, ଏସସି. ଏସଟି ଓ ମୂଳନିବାସୀ ମିଳିତ ମହାସଂଘ ସଚେତନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଚେତନ ସଭାରେ ଲଡୁଗାଁ ଭତରା ସମାଜ ସଭାପତି ବନମାଳି ମାଝି ମୁଖ୍ୟଅତିଥି, ବ୍ଲକ ରାଷ୍ଟ୍ରିୟ ପଛୁଆବର୍ଗ ମୋର୍ଚ୍ଚା ସଭାପତି ଖିରସିନ୍ଧୁ ବୋଡକିଆ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରିୟ ପଛୁଆବର୍ଗ ମୋର୍ଚ୍ଚା କଳାହାଣ୍ଡି ସଭାପତି ଆଦିତ୍ୟ ହଂସ, ଦେବାନନ୍ଦ ନାଏକ, ଗରୁଡ଼ ବାଗ, ଲିଙ୍ଗରାଜ ଧଙ୍ଗଡା ମାଝି, ଗୋପାଳ ଧଙ୍ଗଡା ମାଝି, ଭଗବାନ ହଂସ, ଗଙ୍ଗାଧର ମହାନନ୍ଦ ପ୍ରମୁଖ ଯୋଦେଇ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଆମ ଦେଶର ଓବିସି, ଏସଟି ଏସସି ଏବଂ ସଂଖ୍ୟାଲଘୁ ସମାଜ ଏସବୁ ନ୍ୟାୟ ମିଳିପାରି ନାହିଁ। ଫଳରେ ଆଜି ବି ଜୀବିକା ପାଇଁ ସଂଘର୍ଷ କରି ଦାଦନ ଖଟବାକୁ ଯାଇ ଶବ ହୋଇ ଗାଁକୁ ଫେରୁଛନ୍ତି। ଶିକ୍ଷା, ଚାକିରି ଓ ରାଜନୈତିକ କ୍ଷେତ୍ରରେ ଓବିସିଙ୍କୁ ଜନସଂଖ୍ୟା ମୁତାବକ ସଂରକ୍ଷଣ ଓ ଜନଗଣନା ଜରୁରୀ ବୋଲି ମତ ରଖିଥିଲେ। ସଭା ଗଜେନ୍ଦ୍ର ନାଗ ପରିଚାଳନା କରିଥିଲେ। ବ୍ଲକ ବିଭିନ୍ନ ଗ୍ରାମର ଓବିସି, ଏସି, ଏସଟିବର୍ଗର ଲୋକେ ସାମିଲ ହୋଇଥିଲେ।

### ଜିଆର୍‌ଏସ୍‌ଙ୍କ ପରଲୋକ

**ଦେଓଗାଁ,୧୦।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଅଶୋକ ସାହୁଙ୍କ ପରଲୋକ ହୋଇଛି। ଅଶୋକ ରବିବାର ରାତିରେ ଘରେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବଲାଙ୍ଗୀର ଓ ପରେ ବୁର୍ଲା ନିଆଯାଇଥିଲା। ହେଲେ ସେଠାରେ



ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ସୋନଗଡ ନଦୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡଭାଇ ପ୍ରଭାତ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଦେଓଗାଁ ବ୍ଲକ ଜିଆରଏସ ସଂଘ, ବ୍ଲକ ପ୍ରଶାସନ, ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀ ଶୋକବ୍ୟକ୍ତ କରିଛନ୍ତି।

### ଦକ୍ଷିଣ ଶୌଣ୍ଡିକ ପଞ୍ଚମ ମହାସଭା ଉଦ୍‌ଯାପିତ

**କୋକସରା,୧୦।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ କଳାହାଣ୍ଡି ଓ ଟିଟିଲାଗଡ ସବଡିଭିଜନକୁ ନେଇ ଦକ୍ଷିଣ ଶୌଣ୍ଡିକ ପଞ୍ଚମ ମହାସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସଭାପତି ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଯୋଗଦେଇ ଶୌଣ୍ଡିକ ସମାଜ ହେଉଛି ଏକ ଶୃଙ୍ଖଳିତ ସମାଜ, ସମାଜ ସବୁ କ୍ଷେତ୍ରରେ ଆଗେଇଛି ବୋଲି କହିବା ସହ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭବାନୀପାଟଣାଠାରେ ଶୌଣ୍ଡିକ ସମାଜର ଭବନ ନିର୍ମାଣ ପାଇଁ ୫ ଲକ୍ଷ ଅନୁଦାନ ଦେବାକୁ ଏମ୍‌ପି ପଣ୍ଡା ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟୋମକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଧୀର ସାହୁ, ଈଶ୍ୱର ସାହୁ, ମହାସଭାର ଜିଲା କାର୍ଯ୍ୟକାରିଣୀ ସମ୍ପାଦକ ଥବିର ପ୍ରସାଦ ସାହୁ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଶ୍ରବଣ କୁମାର ସାହୁ କରିଥିବା ବେଳେ କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକ ଓ ଲଡୁଗାଁ ଶୌଣ୍ଡିକ ସାମାଜିକ କର୍ମକର୍ତ୍ତାମାନେ ପଞ୍ଚମ ମହାସଭାକୁ ପରିଚାଳନାରେ ସହଯୋଗ କରିଥିଲେ।

# ଡାକ୍ତର ଜଣେ ସୈନିକ: ରାଜ୍ୟପାଳ

**ବଲାଙ୍ଗୀର ଅଫିସ, ୧୦।୪**

ଯେତେବେଳେ ଶରୀର କଥା ଉଠେ ସେତେବେଳେ ଡାକ୍ତର ଜଣେ ସୈନିକ। ଯେତେବେଳେ ମନ କଥା ଉଠେ ସେତେବେଳେ ଡାକ୍ତର ଜଣେ ମନୋବିଜ୍ଞାନୀ। ଆଉ ଯେତେବେଳେ ଆତ୍ମା କଥା ଉଠେ ଡାକ୍ତର ସେତେବେଳେ ଜଣେ ପୂଜକ ବୋଲି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ରାଜ୍ୟପାଳ ଲାଲ ତାଙ୍କ ଦୀକ୍ଷାନ୍ତ ଅଭିଭାଷଣରେ ସନ୍ଥକବି ଭୀମ ଭୋଇଙ୍କ ବାଣୀ ଉଦ୍ଧାର କରି କହିଥିଲେ ଯେ, ଜାତି ଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ। ଏହି ବାଣୀର ମର୍ମ ବୁଝିବାକୁ ହେବ। ଏହାହିଁ ତ ଅତିମାନସ ସଚେତନତା। ଭୀମ ଭୋଇ ଓ ଓଡ଼ିଶାର ଜଗନ୍ନାଥ ସଂସ୍କୃତିର ଅଜାତି ବାଦ୍ ତତ୍ତ୍ୱକୁ ବୁଝିବାକୁ ହେବ। ଶ୍ରୀଅରବିନ୍ଦଙ୍କ ଅତିମାନସ ଚିନ୍ତନକୁ ହୃଦୟଙ୍ଗମ କରିବାକୁ ହେବ। ରାଜ୍ୟପାଳ ପ୍ରଫେସର ଲାଲ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନ କରିଥିଲେ କେବେ ଶୁଣିଛ କି, ମନ୍‌ୱାଲେ



ଭୀମ ଭୋଇ ମେଡିକାଲ କଲେଜର ବାର୍ଷିକ ସମାରୋହରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥି।

ଦୁଲ୍‌ହନିଆ ଲେ ଜାଏଙ୍ଗେ। ଆମେ ଶୁଣିଛୁ, ମନ୍ଦିର, ମସଜିଦ୍ ସବୁ ଭାଙ୍ଗିଦିଅ ହେଲେ କାହାର ହୃଦୟ ଭାଙ୍ଗନାହିଁ। ଏଣୁ ସବୁବେଳେ, ସବୁଠି ହୃଦୟର କଥା ଶୁଣ ବୋଲି ରାଜ୍ୟପାଳ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଓଡିଶା ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡ. ଦଣ୍ଡେଶ୍ୱର ହୋତା, ଜିଲାପାଳ ଚଞ୍ଚଳ ରାଣା, ଭୀମ ଭୋଇ ମେଡିକାଲ କଲେଜ ଡିନ୍ ଡା. ସବିତା ମହାପାତ୍ର, କଲେଜ ଛାତ୍ର ସଂସଦ ସଭାପତି ବିଶାଳ ପଣ୍ଡା ଓ ଅଭିଷେକ ପାଣି ମଞ୍ଚାସୀନ ହୋଇଥିଲେ। ସମ୍ମାନିତ ଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୧୯୯୯ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ହେବା ପରେ ବଲାଙ୍ଗୀରରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରାଯାଇଥିଲା। ନାନା ପ୍ରତିବନ୍ଧକ ସତ୍ତ୍ୱେ ଆଜି ଏହି କଲେଜରୁ ପ୍ରଥମ ବ୍ୟାଚ୍ ଡାକ୍ତରୀ ଛାତ୍ର ପାସ୍ କରିଛନ୍ତି। ଆଜି ସ୍ୱପ୍ନ ପୂରଣ ହୋଇଛି। ୨୦୨୪ ତାଙ୍କ ବିଧାୟକ କାର୍ଯ୍ୟକାଳ ସରିଲା ବେଳକୁ ଭୀମଭୋଇ ମେଡିକାଲ କଲେ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ମେଡିକାଲ କଲେଜ ଭାବେ ପରିଗଣିତ ହେଉ। ଏଠାରେ ଶୀଘ୍ର ପିଜି ଶ୍ରେଣୀ ଏବଂ ସୁପରସ୍ପେଶାଲିଟି ବିଭାଗ ଖୋଲାଯାଉ ଏହା ହିଁ ତାଙ୍କର ସ୍ୱପ୍ନ ବୋଲି ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି କୁଳପତି ଡ. ହୋତା ତାଙ୍କ ବକ୍ତବ୍ୟରେ ଆଗାମୀ ଦିନରେ ଓଡିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିକ୍ଷା, ତାଲିମ ଓ ଗବେଷଣା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ଯେକୌଣସି ଅଞ୍ଚଳରେ ସେମାନେ ରହୁଛନ୍ତି ସେଠାକାର ସଂସ୍କୃତି ଏବଂ ଜନସମ୍ପର୍କ ଉପରେ ଜ୍ଞାନଅର୍ଜନ କଲେ ଏହା ସେମାନଙ୍କୁ ଉପାଦେୟ ହେବ ବୋଲି କହିଥିଲେ। ସଭାରେ ମେଡିକାଲ କଲେଜ ଡିନ୍ ଡା. ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଭୀମ ଭୋଇ ମେଡିକାଲ କଲେଜର ମୁଖପତ୍ର ଜେନିସିସ୍‌କୁ ରାଜ୍ୟପାଳ ଲାଲ ଓ ଅନ୍ୟ ଅତିଥିମାନେ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଳକର, ପ୍ରଫେସର ମଧୁସୂଦନ ପତି, ଅଧ୍ୟାପକ, ଷ୍ଟାଫ୍, ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭୀମ ଭୋଇ ମେଡିକାଲ କଲେଜ ବାର୍ଷିକ ଉତ୍ସବ

# ନକାରାତ୍ମକ ଚିନ୍ତାଧାରାରୁ ପିଲାଙ୍କୁ ମୁକ୍ତ ରଖ



ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

**ଲୋଇସିଂହା,୧୦।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ୫୬ତମ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଫୁଲ ପରିବେଶକୁ ସୁନ୍ଦର କରିଥାଏ । ଶିବ ଠୁ ଶବ ସବୁଠି ଫୁଲ ବ୍ୟବାହର ହୋଇଥାଏ। ଫୁଲର ନକରାତ୍ମକ ଗୁଣନାହିଁ । ତେଣୁ ଫୁଲ ସଦୃଶ ଶିଶୁଙ୍କ ମନରେ କୌଣସି ନକରାତ୍ମକ ଚିନ୍ତାଧାରା ନ ପୂରାଇ ସକରାତ୍ମକ ପରାମର୍ଶ ଦେବାକୁ ରାଜ୍ୟପାଳ ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ବିଧାୟକ ମୁକେଶ ମହାଲିଙ୍ଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ, ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଳକର, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ମଞ୍ଚାସୀନ ହୋଇଥିଲେ । ସମ୍ମାନୀତ ଅତିଥି ବିଧାୟକ ମହାଲିଙ୍ଗ ନୂତନ ଶିକ୍ଷା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ଉପସ୍ଥିତି ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିବ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ତ୍ରିପାଠୀ କହିଥିଲେ। ଏହି ଅବସରରେ ସ୍କୁଲର ପ୍ରାକ୍ତନଶିକ୍ଷକ ଗଦାଧର ମିଶ୍ର, ବ୍ରଜମୋହନ ବରଗଡ଼ି, ବିଜୟ କୁମାର ମିଶ୍ର, ଦୁର୍ବାଦଳ ବାଗ ଏବଂ କୃତୀ ଛାତ୍ରୀଛାତ୍ର ଶ୍ରବଣ ବରଗଡ଼ି, ଅବନ ମହାକୁର, ଶିକ୍ଷା ମହାନନ୍ଦଙ୍କୁ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ। ପୁରାତନ ଛାତ୍ର ବିନାୟକ ମିଶ୍ର ସଭା ସଂଯୋଜନା କରିଥିଲେ। ସଭା ପୂର୍ବରୁ ସ୍କୁଲ ପ୍ରତିଷ୍ଠାତା ସ୍ୱର୍ଗତ ବିଦ୍ୟାଧର ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଉନ୍ମୋଚନା କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହରିହର ନୋଡାଲ ହାଇସ୍କୁଲ ବାର୍ଷିକ ଉତ୍ସବରେ ରାଜ୍ୟପାଳଙ୍କ ବକ୍ତବ୍ୟ

# ଶତାଧିକ ମହିଳାଙ୍କ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

**ଗୋଲାମୁଣ୍ଡା,୧୦।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚହକା ଗାଁରେ ଶତାଧିକ ମହିଳାଙ୍କ ଅଢେଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ କରି ଜଣେ ମହିଳା ଫେରାର ହୋଇଛନ୍ତି। ସମ୍ପୃକ୍ତା ମହିଳା ହେଲେ ଜେମା ସା (୩୮)। ଏ ନେଇ ସୋମବାର ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଗ୍ରାମବାସୀ ଅଭିଯୋଗ କରିବା ପରେ ଅଧକ୍ଷ ତୁରନ୍ତ ହସ୍ତକ୍ଷେପ କରି କଳାହାଣ୍ଡି ପୋଲିସ ସହିତ ଯୋଗାଯୋଗ କରି ଫେରାର ଥିବା ମହିଳାଙ୍କୁ ଧରିବାକୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଅଧକ୍ଷ ପୋଲିସକୁ ଧରି ଚହକା ଗାଁର ଲୋକଙ୍କୁ ସାନ୍ତନା ଦେଇଥିଲେ। ଉକ୍ତ ଗାଁର ମହିଳାମାନେ ଋଣ ନ ସୁଝିବାରୁ ଫାଇନାନ୍ସ କମ୍ପାନୀ କର୍ମଚାରୀମାନେ ଘରକୁ ଯାଇ ମହିଳାଙ୍କୁ ଧମକ ଚମକ କରୁଛନ୍ତି। କେଉଁ ମହିଳାଙ୍କ ନାମରେ ୩ ଲକ୍ଷ ତ ଆଉ କାହା ନାମରେ ୨ ଲକ୍ଷ ଟଙ୍କା ଗଡୁଛି। ବର୍ତ୍ତମାନ ଜେମା ସା ଫେରାର ପରେ ମହିଳାଙ୍କୁ ଟଙ୍କା ସୁଝିବା ପାଇଁ କମ୍ପାନୀମାନେ ଧରପଗଡ଼ କରୁଛନ୍ତି। ଅନ୍ୟପକ୍ଷରେ ମହିଳାମାନେ କିଛି ଟଙ୍କାର ଲାଳସାରେ ଜେମାଙ୍କୁ ଋଣ ଟଙ୍କା ଉଠାଣ କରିଦେଇଥିବା ସେମାନେ କହିଛନ୍ତି। ଜେମାଙ୍କ ସ୍ୱାମୀ ମୁମ୍ବାଇରେ ରହି ମିସ୍ତ୍ରୀ କାମ କରି ଆସୁଥିବା ବେଳେ ଜେମା ସେଠାକୁ ଯାଇଛନ୍ତି। ଗ୍ରାମର ଭୂମି ମାଝି ମଧ ଜେମାଙ୍କୁ ଦେଢଲକ୍ଷ ଟଙ୍କା ଉଠାଣ କରିଦେଇଛନ୍ତି। ଭୂମିଙ୍କୁ ଦେଖିବା ପାଇଁ ତାଙ୍କ ମା' ପଦ୍ମା ମାଝି ଚହକାକୁ ଆସିଥିଲେ। ଫାଇନାନ୍ସ କମ୍ପାନୀର ଜୁଲୁମ ଦେଖି ଚିନ୍ତାରେ ଝିଅ ଘରେ ହିଁ ମୃତ୍ୟୁ ଘଟିଛି। ସେହିଭଳି ଋଣ ବୋଝ ସୁଝି ନ ପାରି ୧୦ଟି ପରିବାର ଦେଶାନ୍ତର ମଧ ହେଲେଣି। କମ୍ପାନୀର ଜୁଲୁମ ଏଭଳି ବଢି ଯାଇଛି ଯେ, ମହିଳାମାନେ ଟଙ୍କା ନ ଦେଲେ ଘରେ ଥିବା ଛେଳି, କୁକୁଡ଼ା ଏବଂ ଅନ୍ୟ କୌଣସି ଜିନିଷ ଦେଖିଲେ ନେଇ କି ଚାଲି ଯାଉଛନ୍ତି।

## ବ୍ଲକ ଅଧକ୍ଷଙ୍କ ହସ୍ତକ୍ଷେପ ପରେ ପୋଲିସର ତନାଘନା

# ବାହାରିଲା କୃଷି ସଚେତନତା ରଥ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ମୁରିବାହାଲ, ୧୦।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)କାର୍ଯ୍ୟାଳୟରେ ଭୁବନେଶ୍ୱରରୁ ଆସିଥିବା କୃଷି ସଚେତନତା ରଥର ସୋମବାର ଶୁଭାରମ୍ଭ କରାଯାଇଛି। ଏହି ରଥ ତିନିଦିନ ମଧ୍ୟରେ ବ୍ଲକର ସମସ୍ତ ୨୨ପଞ୍ଚାୟତ ମୁଖ୍ୟାଳୟ ବୁଲି ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିବ। ଏହି ରଥ ମାଧ୍ୟମରେ ଆଧୁନିକ ପ୍ରଣାଳୀରେ କୃଷିର ବିକାଶ, ଚାଷର ଉନ୍ନତି ଉପରେ ସଚେତନତା ବାର୍ତ୍ତା ଦେବ। ଏହି କାର୍ଯ୍ୟକ୍ରମରେ ଆତ୍ମା ଅଧକ୍ଷ ସୁରେଶ କୁମାର ଭୋଇ, ମୁରିବାହାଲ ବ୍ଲକ ଭାରପ୍ରାପ୍ତ ଏଏଓ ରତିକାନ୍ତ ସେଠୀ, ଏଟିଏମ ବିଶ୍ୱରଞ୍ଜନ ବେହେରା ଓ କୃଷକ ସାଥୀ ବିଷମ ପଧାନ ଅତିଥିଭାବେ ଯୋଗ ଦେଇ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଲାଠୋର, ୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ବାର୍ଷିକ ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ସଭାପତି ସନ୍ତୋଷ କୁମାର ଭଇଁଷାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦୋହେଲପଡ଼ା ପଲ୍ଲୀ ପ୍ରଗତି ମହାବିଦ୍ୟାଳୟ ଅଧକ୍ଷ ରୁଦ୍ରମାଧବ ବାରିକ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ବିଦ୍ୟାର୍ଥୀ ପାଠ ପଢି ଜ୍ଞାନ ଅର୍ଜନ କରିବା ସହ ଭାରତୀୟ ସଂସ୍କୃତି ପରମ୍ପରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସଭାପତି ସୁଭାଷଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ଗୋବିନ୍ଦରାମ ଅଗ୍ରୱାଲ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଏଡି ଅବସରରେ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଆଗାମୀ ଦିନରେ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ +୨ ଜ୍ଞାନ ମନ୍ଦିର ଖୋଲିବାକୁ ପ୍ରସ୍ତାବ ଦିଆଯାଇଥିଲା। ଆଚାର୍ଯ୍ୟ ସିମିତ ସାହୁ କାର୍ଯ୍ୟକ୍ରମ ପରିଚାଳନା ଏବଂ କୋଷାଧ୍ୟକ୍ଷ ଦୀପକ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟର ଉଚିତ ଯତ୍ନ ନେବା ପାଇଁ ଲୋକଙ୍କୁ କଲେ ସଚେତନ

**ଭବାନୀପାଟଣା,୧୦।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ତିଳଯୋଡି ଫରେଷ୍ଟ ଅଫିସଠାରେ ଶୁକ୍ରବାର ସ୍ଥାନୀୟ ୟଙ୍ଗ ଷ୍ଟାର କ୍ଲବ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ମିଳିତ ଉଦ୍ୟମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆରମ୍ଭରେ କ୍ଲବର ସଦସ୍ୟମାନଙ୍କୁ ନେଇ ଲିମପଡାଠାରୁ ଶବରପଡା ପର୍ଯ୍ୟନ୍ତ ଏକ ଶୋଭଯାତ୍ରା କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟର ଉଚିତ ଯତ୍ନ ନେବାକୁ ସଚେତନ କରିଥିଲେ। କ୍ଲବ ସଭାନେତ୍ରୀ ଜୁଲି ଯୋଶୀଙ୍କ ନେତୃତ୍ୱରେ ଫରେଷ୍ଟ ଅଫିସଠାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତିଳଯୋଡି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଏଏନ ଏମ ବିନୋଦିନୀ ନାଗ, ଅଙ୍ଗନୱାଡି ବୈଦେହୀ ନାଏକ, ଆଶା ପ୍ରମିଳା ଶବର, କ୍ଲବ ସମ୍ପାଦକ ଯଶୋବନ୍ତ ରଣା ପ୍ରମୁଖ ଯୋଗଦେଇଥିଲେ। ପ୍ରତେକ ଲୋକ ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୋଇବା ସହ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିଲେ କୌଣସି ରୋଗ ହେବନାହିଁ ବୋଲି ମୁଖ୍ୟଅତିଥି ବୁଝାଇଥିଲେ। ବର୍ତ୍ତମାନ ନୁଆଁ ନୁଆଁ ରୋଗ ସବୁ ବାହାରୁଛି, ତେଣୁ ସମସ୍ତେ ଏବେଠାରୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର ନାଏକ, ଖଗେଶ୍ୱର ଶବର, ଗୌତମ ବାଗ, ନମିତା ମାଝି, ସସ୍ମିତା ଯୋଶୀ, ରାଜତ ଯୋଶୀ, ବଳଭଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

**ଟିଟିଲାଗଡ, ୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ରାହ୍ମଣ ସମାଜ ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୧ଜଣ ବ୍ରାହ୍ମଣ ବଟୁଙ୍କୁ ବ୍ରତ କରଯାଇଥିଲା। ଏପ୍ରିଲ ୯ ତାରିଖରେ ସମସ୍ତ ବଟୁଙ୍କ ଚାରିକର୍ମ କାର୍ଯ୍ୟ କରାଯାଇ ୧୦ତାରିଖରେ ସାବିତ୍ରୀ ପ୍ରଦାନ କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ପୂଜାକାର୍ଯ୍ୟ ଆରମ୍ଭ କଲାପରେ ସମସ୍ତ ବଟୁଙ୍କୁ ମାମୁଁ ମାନଙ୍କ ଦ୍ୱାରା ପଞ୍ଚଗ୍ରାସି କରଯାଇଥିଲା। ଏହାପରେ ସୂର୍ଯ୍ୟଙ୍କୁ ଜଳ ଦେବା ପରେ ଥାଳଧରା ରୀତିନୀତି ଓ ରୋଶଣି କାର୍ଯ୍ୟକ୍ରମ ସହ ବ୍ରତୋପନୟନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଟିଟିଲାଗଡ଼ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁ, ଉପଜିଲାପାଳ ଦୟାମୟ ପାଢ଼ୀ, ମମତା ଜୈନ ଏହି ଉତ୍ସବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ବ୍ରାହ୍ମଣ ସମାଜ ସଭାପତି ବିଶ୍ୱରାମ ଠାକୁର, ସମ୍ପାଦକ ବନମାଳୀ ଦାସ, ବରିଷ୍ଠ ସଦସ୍ୟ ରାଜୀବ ଲୋଚନ ପାଢୀ, ରାଜୁ ମିଶ୍ର, ଚିନ୍ତାମଣି ମହାପାତ୍ର, ସୁବୋଧ ଦାସ, ଜିତେନ୍ଦ୍ର ଦାସ, ରାମ ପ୍ରସାଦ ମିଶ୍ର, ବିକ୍ରମ ଆଚାର୍ଯ୍ୟ, ଅଖିଳ ପଣ୍ଡା, ଭବାନୀ ପ୍ରସାଦ ହୋତା, ସୁଶିଲ କୁମାର ମିଶ୍ର, ବୃନ୍ଦାବନ ପଣ୍ଡା, ଯୁଗଳ କିଶୋର ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।



ବ୍ରତୋପନୟନ କାର୍ଯ୍ୟକ୍ରମ ସମୟରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

# ଲୋକସେବା ଶିବିର: ୬୫ ଅଭିଯୋଗର ଶୁଣାଣି

**ଦେଓଗାଁ,୧୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ୧୩ ନଂ ଜିଲା ପରିଷଦ ଜୋନର ୧୩ ପଞ୍ଚାୟତକୁ ନେଇ ଲୋକସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ ଯୋଗଦେଇଥିଲେ। ୬୫ଜଣ ପଞ୍ଜିକରଣ କରି ଶିବିରରେ ଅଭିଯୋଗ ଦାଖଲ କରିଥିଲେ। ଉପରଝର ଯୁବ ସଂଗଠନ ପକ୍ଷରୁ ଉପରଝରରେ ଫାଣ୍ଡି ସ୍ଥାପନ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଦାବି କରିଥିଲେ । କୁହିମୁଣ୍ଡା ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବି କରିଥିଲେ ଗ୍ରାମବାସୀ। ନୂଆଁପାଲିର ଛାୟା ପ୍ରଧାନ ଓ ଗୌରୀ ସାହୁ, ଉପରଝରର ରେଖା ପଧାନ, କୁହିମୁଣ୍ଡାର ପଦ୍ମା ପଧାନ ଓ ଫଟାମୁଣ୍ଡାର ପଦ୍ମାବତୀ ପାଣ୍ଡେ ଆଦି ୫ଜଣଙ୍କୁ ଚିହ୍ନଟ କରି ଭତ୍ତା ମଞ୍ଜୁର କରାଯାଇଥିଲା । ଶିବିରରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଡିଓ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ (ଏମାରଜେନ୍ସି) ଶୁଭସ୍ମିତା ମିଶ୍ର, ସିଡିଭିଓ ଡା. ସୁନିତା ପଣ୍ଡା, ଜିଲା ପ୍ରକଳ୍ପ ସଂଯୋଜକ ସୁମନ ଦ୍ୱିବେଦୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଜିଲା ପଞ୍ଚାୟତ ଅଧିକାରୀ, ଡିଏସଡବ୍ଲ୍ୟୁ, ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ସୁନିତା ବେହେରା ଏବଂ ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ଏ ଅବସରରେ ଓଡିଶା ଜୀବିକା ମିଶନ, ଉଦ୍ୟାନ ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ବିଭାଗ ତରଫରୁ ଷ୍ଟଲ ଲଗାଯାଇଥିଲା। ଆଖପାଖ ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ନିଜେ ପ୍ରସ୍ତୁତ କରୁଥିବା ପାରମ୍ପରିକ ଜିନିଷ ତଥା ବାଉଁଶ ତିଆରି ଉପକରଣ, ଧାନରେ ତିଆରି ସୌଖୀନ କଳା, ବିଭିନ୍ନ ଆଚାର, ବଡି, ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ତିଆରି ସାମଗ୍ରୀ ପ୍ରଦର୍ଶିତ କରିଥିଲେ । ଉଦ୍ୟାନ ବିଭାଗ ଦ୍ୱାରା ଅଗ୍ରଣୀ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ପିଜୁଳି, ଆମ୍ବ, ପିଆଜ ଆଦି ପ୍ରଦର୍ଶିତ ହୋଇଥିଲା । କୃଷି ବିଭାଗ ଦ୍ୱାରା ମଧ ଷ୍ଟଲ ଲଗାଯାଇ ଚାଷୀ ଙ୍କୁ ସଚେତନ କରାଯାଇଥିଲା। ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଜୈବିକ ପଦ୍ଧତିରେ କୃଷି ପାଇଁ ବିଭିନ୍ନ ଉପାୟ ବତାଇଥିଲେ ।




ଲୋକ ସେବା ଶିବିରରେ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

## ସଂକ୍ଷେପରେ

### ୧୩ କୁଇଣ୍ଟାଲ ମହୁଲ ଜବତ

ପଦ୍ମପୁର,୧୦।୪(ଡି.ଏନ.ଏ.): ପଦ୍ମପୁର ଥାନା ଅଧୀନ ଲୋହାରପାଲି ଗ୍ରାମରେ ପଦ୍ମପୁର ଓ ପାଇକମାଲ ଅବକାରୀ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ବେଆଇନ ଗଚ୍ଛିତ ରଖାଯାଇଥିବା ୧୩.୫୦ କୁଇଣ୍ଟାଲ ମହୁଲକୁ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

### ରେମତା ରାସ୍ତା ସମ୍ପ୍ରସାରଣ ଦାବି

ବରପାଲି,୧୦।୪(ଡି.ଏନ.ଏ.): ବରପାଲି ବ୍ଲକ ଅନ୍ତର୍ଗତ ରେମତା ରାସ୍ତାର ସମ୍ପ୍ରସାରଣ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରପାଲିରୁ କୁମ୍ଭାରୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଏବେ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ରେମତା ଗ୍ରାମ ଦେଇ ଯାଇଛି। ରାସ୍ତା ଅତି ସଙ୍କୀର୍ଣ୍ଣ ହୋଇଥିବାରୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ତେଣୁ ଏହି ରାସ୍ତାର ସମ୍ପ୍ରସାରଣ କରିବା ପାଇଁ ତାରାପଦ ତ୍ରିପାଠୀ, ବିଜୟଲକ୍ଷ୍ମୀ ବେହେରା, ବିନୟ ଗଡତିୟା, ଧୀରୋଜ ପ୍ରଧାନ, ତରଣୀସେନ ଦେବତା ପ୍ରମୁଖ ଦାବି କରିଛନ୍ତି।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଡୁଙ୍ଗୁରିପାଲି, ୧୦।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଏସ୍‌ପି ଅମରିଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡୁଲେଶର ଖା ଖାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ସାମାଜିକକର୍ମୀଙ୍କ ମାତୃ ବିୟୋଗ

ସୋନପୁର,୧୦।୪(ନି.ପ୍ର ): ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନର ବରିଷ୍ଠ



ସଦସ୍ୟ, ସାମାଜିକକର୍ମୀ ତଥା ପଏଁରୀ ଅନୁଷ୍ଠାନର ସଭାପତି ଲଡୁ କିଶୋର ମଲ୍ଲିକଙ୍କ ମା' ଲକ୍ଷ୍ମୀପ୍ରିୟାଙ୍କର ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସନ୍ଧ୍ୟାରେ ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ବଳରାମ ପଣ୍ଡା, ଡିଆରଡିଏ ଏପିଡି ଗୌରୀ ଶଙ୍କର ଚୌଧୁରୀ, ପୋଲିସ ଆରଆଇ ପ୍ରଦ୍ୟୁମ୍ନ ପଟେଲ, ପ୍ରାକ୍ତନ ନଗରପାଳ କଇଁରୁ ସ୍ୱାଇଁ, କାଉନସିଲର ପିୟୁଷ ପଣ୍ଡା, ଗରିବ ଲୋଇ, ବୃନ୍ଦାବନ ରଥ, ଶଙ୍କର ମେହେର, ପ୍ରଭାସ ମେହେର, ପରେଶ ମେହେରଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତି, ରାମଧୁନ କ୍ଲବ, ପଏଁରି ଓ ସ୍ୱଚ୍ଛ ଭାରତ ସଂଗଠନର ସମସ୍ତ ସଦସ୍ୟ ମଲ୍ଲିକଙ୍କୁ ଅନ୍ତିମ ଦର୍ଶନ କରିଥିଲେ ଲକ୍ଷ୍ମୀପ୍ରିୟା ମଲ୍ଲିକ।

### ଉଦ୍‌ଯାପିତ ହେଲା ଶ୍ରୀରାମଲୀଳା ମହୋତ୍ସବ

ଅମରପାଲି,୧୦।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ଯୁବରାଜପୁର ଗ୍ରାମରେ ଚାଲିଥିବା ଶ୍ରୀରାମଲୀଳା ନାଟକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ୩୯ବର୍ଷରେ ପଦାର୍ପଣ କରିଥଇବା ରାମଲୀଳା ମହୋତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଗ୍ରାମର ପ୍ରାୟ ୧୦୫ଜଣ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ବ୍ରତଧାରଣା କରି ଏହାକୁ ପାଳନ କରୁଥିଲେ। ପ୍ରତ୍ୟହ ଶ୍ରୀରାମ ମନ୍ଦିର ରେ ପୂଜାର୍ଚ୍ଚନା କରାଯାଉଥିଲା। ପ୍ରତ୍ୟହ ରାତ୍ରରେ ଗ୍ରାମର ଶ୍ରୀରାମ ଗଣନାଟ୍ୟ ଦ୍ୱାରା ପରିବେଷଣ ହେଉଥିଲା ଲୀଳା ନାଟକ। ଏଥିରେ ସୀତା ବିବାହ, ରାମ ବନବାସ, ସୀତା ଚୋରୀ, ବାଳିବଧ, ସୀତା ଠାବ, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ ବଧ, ରାବଣ ବଧ ଓ ରାମ ରାଜ୍ୟଭିଷେକ ଆଦି ପର୍ଯ୍ୟାୟକ୍ରମେ ପରିବେଷଣ କରାଯାଇଥିଲା। ଏଥିରେ ରାମ ଭୂମିକାରେ ସନ୍ତୋଷ ପଧାନ, ସୀତା ପ୍ରମୋଦ ଧଳ, ଲକ୍ଷ୍ମଣ ଭକ୍ତ ଧଳ, ରାବଣ ଭୂମିକାରେ କିଶୋର ପଧାନ ପ୍ରମୁଖ ଅଭିନୟ କରୁଥିଲେ।ଗ୍ରାମର ଗୌନ୍ତିଆ ବ୍ରଜ ବିହାରୀ ପଧାନ ଓ ୱାର୍ଡସଭ୍ୟ ଜଗନ୍ନାଥ ଧଳ ଓ ପଦ୍ମନାଭ ପଧାନ ପରିଚାଳନା କରିଥିଲେ।

# ଗ୍ରାମବାସୀଙ୍କ ଦାବି, ପୁଣି ସ୍କୁଲ ଖୋଲ

ସୋନପୁର,୧୦।୪(ନି.ପ୍ର.)

ସୋନପୁର ବ୍ଲକ ବିଶିମୁଣ୍ଡା ପଞ୍ଚାୟତର ବାଗଦୁଲି ପ୍ରାଥମିକ ବିଦ୍ୟାଳୟକୁ ପୁଣି ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଶତାଧିକ ମହିଳା, ପୁରୁଷ ନିଜର ପିଲାଛୁଆଙ୍କୁ ଧରି ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ସୋନପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସୋମବାର ଲିଖିତ ଭାବେ ଜଣାଇଛନ୍ତି । ଦୀର୍ଘ ବର୍ଷ ଧରି ଚାଲି ଆସିଥିବା ଏହି ବିଦ୍ୟାଳୟକୁ ଜିଲା ପ୍ରଶାସନର ସୁପାରିଶ କ୍ରମେ ରାଜ୍ୟ ସରକାର ୨୦୨୧ ମସିହାରେ ବନ୍ଦ କରିଥିଲେ। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୦ରୁ କମ୍ ଥିବା କାରଣରୁ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ସାଗରପାଲି ବିଦ୍ୟାଳୟରେ ଆଡମିଶନ କରାଯାଇଥିଲା। ଏବେ ଗ୍ରାମର ୩୦ରୁ ୩୫ଜଣ ଛାତ୍ରୀଛାତ୍ର ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଠପଢୁଛନ୍ତି। ତେଣୁ ବାଗଦୁଲି ପ୍ରାଥମିକ ବିଦ୍ୟାଳୟକୁ ପୁଣି ଖୋଲାଯିବାକୁ ଦାବି ହେଉଛି।



ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟିବାକୁ ଆସିଛନ୍ତି ।

ଅଭିଭାବକଙ୍କ କହିବା ଅନୁଯାୟୀ ସାଗରପାଲି ବିଦ୍ୟାଳୟ ବାଗଦୁଲି ଗାଁଠାରୁ ଦୂର ହେଉଛି। ରାସ୍ତାରେ ସବୁବେଳେ ଯାନବାହାନ ଯାତାୟତ କରୁଛି। ଅଭିଭାବକମାନେ ନିଜ ପିଲାଙ୍କୁ ସେଠାକୁ ଛାଡିବାକୁ ନିରାପଦ ମଣୁନାହାନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ସରକାର ବାଗଦୁଲି ବିଦ୍ୟାଳୟରେ ଶ୍ରେଣୀଗୃହ ନିର୍ମାଣ କରିଛନ୍ତି। ବିଦ୍ୟାଳୟ ବନ୍ଦ ଥିବାରୁ ସେଗୁଡିକ ନଷ୍ଟ ହେବାକୁ ବସିଛି । ସହ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ କୁହନ୍ତି କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବା କାରଣରୁ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ପିଲା ସଂଖ୍ୟା ବଢିଥିବାର ପ୍ରମାଣ ମିଳିଲେ ବିଦ୍ୟାଳୟକୁ ପୁଣି ଖୋଲିବାକୁ ପ୍ରକ୍ରିୟା ଆରମ୍ଭ ହେବ। ବିଶେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଶିମୁଣ୍ଡା ସରପଞ୍ଚ ବିନ୍ଦୁ କୁମ୍ଭାର, ଅଙ୍ଗନୱାଡି କର୍ମୀ ବେଦମତି ସୁନା, ଗ୍ରାମର ପ୍ରମୋଦ କୁମାର ଦାଶ, ପୁଷ୍ପାଞ୍ଜଳି ମହାନ୍ତି, ଗୀତା କର୍ମୀ ସୁଦାମ ପଧାନ, ସୁକାନ୍ତି ରାଉତ ଓ କୃଷ୍ଣମୋହନ କର୍ମୀ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଆଜି ରାଜ୍ୟପାଳଙ୍କ ବରଗଡ଼ ଗସ୍ତ

ବରଗଡ଼ ଅଫିସ୍,୧୦।୪

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ବରଗଡ଼ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଦେଇଥିବା ସୂଚନା ଅନୁଯାୟୀ, ରାଜ୍ୟପାଳ ଚୋପର୍ ଯୋଗେ ଆସି ସକାଳ ୯ଟା ୪୫ମିନିଟ୍‌ରେ ପାଇକମାଳ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ୯ଟା ୫୦ମିନିଟ୍‌ରେ ସେଠାରୁ କାର୍ ଯୋଗେ ବାହାରି ଦିନ ୧୦ଟାରେ ଯମୁନା କନ୍ଧୁଣୀ ହାଇସ୍କୁଲକୁ ଯାଇ ରୌପ୍ୟ ଜୟନ୍ତୀ ପାଳନ ସମାରୋହରେ ଯୋଗଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ୧୦ଟା ୪୫ମିନିଟ୍‌ରେ ପୁଣି ସେଠାକାର ହେଲିପ୍ୟାଡ୍‌ରେ ୧୦ଟା ୫୫ମିନିଟ୍‌ରେ ପହଞ୍ଚିବେ। ସେଠାରୁ ଦିନ ୧୧ଟାରେ ଚୋପର୍ ଯୋଗେ ବିଜେପୁର ଅଭିମୁଖେ ବାହାରିବେ ଏବଂ ଦିନ ୧୧ଟା ୪୦ମିନିଟ୍‌ରେ ବିଜେପୁର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ୧୧ଟା ୪୫ମିନିଟ୍‌ରେ ବିଜେପୁର ହେଲିପ୍ୟାଡ୍‌ରୁ କାର୍ ଯୋଗେ ବାହାରି ସମଲେଇପଦର ସରକାରୀ ୟୁ.ଜି. ହାଇସ୍କୁଲର ଶତବାର୍ଷିକୀ ସମାରୋହରେ ଯୋଗଦେବେ । ସେଠାକାର କାର୍ଯ୍ୟକ୍ରମ ସରିବା ପରେ ମଧ୍ୟାହ୍ନ ୧୨ଟା ୩୫ମିନିଟ୍‌ରେ ରାଜ୍ୟପାଳ ତୁଲଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ଅଭିମୁଖେ ଯାଇ ଦିନ ୧ଟା ୧୦ମିନିଟ୍‌ରେ ସେଠାକାର ସମାରୋହରେ ଯୋଗଦେବେ। ସେଠାରେ ରାଜ୍ୟପାଳ କାର୍ଯ୍ୟକ୍ରମ ସାରି କାର୍ ଯୋଗେ ବାହାରି ୨ଟା ୩୦ମିନିଟ୍‌ରେ ବିଜେପୁର ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ଚୋପର୍ ଯୋଗେ ଦିନ ୨ଟା ୩୫ମିନିଟ୍‌ରେ ବାହାରି ୨ଟା ୫୫ମିନିଟ୍‌ରେ ବରଗଡ଼ର ବିକାଶ ଶିକ୍ଷାନୁଷ୍ଠାନରେ ପହଞ୍ଚି ବିକାଶ ସୋସିଆଲ ୱେଲଫେୟାର ଆଣ୍ଡ କମ୍ୟୁନିଟି ସ୍କୁଲ ବିଲ୍ଡ଼ିଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୪ଟା ୧୫ମିନିଟ୍‌ରେ ରାଜ୍ୟପାଳ ଚୋପର ଯୋଗେ ବୁର୍ଲା ଏମ୍‌ସିଏଲ ହେଲିପ୍ୟାଡ୍‌କୁ ଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ବି-ଟେକ୍ ୱାରିୟର୍ସ ଚାମ୍ପିୟନ

ବରଗଡ଼ ଅଫିସ୍,୯।୪

ବରଗଡ଼ର ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନରେ ଡେ ସ୍କଲାର ଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ବିକାଶ ଡିଗ୍ରୀ କଲେଜ, ବିଜନେସ୍ ସ୍କୁଲ, ଲ ସ୍କୁଲ, ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ପଲି ଟେକ୍‌ନିକ୍ ଏବଂ ନର୍ସିଂ କଲେଜରୁ ୪ଟି କ୍ରିକେଟ୍ ଟିମ୍ ଯଥା ଷ୍ଟ୍ରାଇକର୍ସ ଇଲେଭେନ୍ସ, ବି-ଟେକ୍ ୱାରିୟର୍ସ, ଷ୍ଟାର ଇଲେଭେନ୍ସ ଏବଂ ଡିପ୍ଲୋମା ଇଲେଭେନ୍ସ ମଧ୍ୟରେ ଟୁର୍ନାମେଣ୍ଟ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ବି-ଟେକ୍ ୱାରିୟର୍ସ ଚାମ୍ପିୟନ ଏବଂ ଡିପ୍ଲୋମା ଇଲେଭେନ୍ସ ରନର୍ସ ଅପ୍ ହୋଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହାସହିତ ପ୍ରିୟଜିତ ଦାସ, ଆଲୋକ ସେନାପତି, କାହ୍ନା ଭୋସାଗର ବିଭିନ୍ନ ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ସର୍ବୋତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ପ୍ରିୟଜିତ ଦାସଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରଜ ନାଗ ବେଷ୍ଟ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। ଅଧ୍ୟାପକ ଡଃ ଗିରିଶ ପ୍ରଧାନ, ଅବଦୁଲ ଫରିଦ ଖାନଙ୍କ ସଂଯୋଜନାରେ ହୋଇଥିବା ଏହି ପ୍ରତିଯୋଗିତାରେ ଡଃ କ୍ଷୀରୋଦ ପ୍ରଧାନ, ଇଂ. ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

### ହନୁମାନ, ଆମ୍ବେଡ୍‌କର ଜୟନ୍ତୀ ପାଇଁ ଶାନ୍ତି କମିଟି ଗଠନ

ସରଣ୍ଡା,୧୦।୪(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରାରେ ଆସନ୍ତା ୧୪ତାରିଖରେ ହନୁମାନ ଜୟନ୍ତୀ ଓ ଡ. ଆମ୍ବେଡ୍‌କର ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ଅତାବିରା ଥାନା ଆଇଆଇସି ଅନିଲ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉଭୟ ଜୟନ୍ତୀ ଓ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ୧୮ ଜଣିଆ ଏକ ଶାନ୍ତି କମିଟି ଗଠନ କରାଯାଇଛି। ବୈଠକରେ ବରଗଡ଼ ଏସ୍‌ଡିପିଓ ଅମ୍ରିତ ପଣ୍ଡାଙ୍କ ସମେତ ବଜରଙ୍ଗ ଦଳ, ଭୀମ୍ ଆର୍ମି ଏବଂ ଅତାବିରା ଓ ଗୋଡ଼ଭଗା ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଓ ଡ. ଆମ୍ବେଡ୍‌କର ଜୟନ୍ତୀ ପାଳନ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତ ବର୍ଷ ଏଭଳି ପରିସ୍ଥିତି ଉପୁଜିବା ପୂର୍ବରୁ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଗଠନ କରାଯାଇଛି । ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଘ, ଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ହେମ୍ବ୍ରମ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ପାଇକମାଳ,୧୦।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଉନତ୍ରିଂଶ ବାର୍ଷିକୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଦସ୍ୟ ହରିବନ୍ଧୁ ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶିଶୁମାନଙ୍କ ଦ୍ୱାରା ମାତୃ ବନ୍ଦନା କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ପାଇକମାଳ ତହସିଲଦାର ଅକ୍ଷୟ କୁମାର ବାଘ ସମ୍ମାନିତ ଅତିଥି, ସୋହେଲା ମହାବିଦ୍ୟାଳୟର ଅଧକ୍ଷ ଡ. ଉପେନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ମମତା ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଦୁର୍ଯ୍ୟୋଧନ ତ୍ରିପାଠୀ, ସନ୍ତୋଷ ଦାସ, ସସ୍ମିତା ମେହେର, ଈଶ୍ୱର ସାହା, ଡମ୍ବରୁ ସାହୁ, ସତ୍ୟମୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି। ସେହିପରି ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅଧକ୍ଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ପାଇକମାଳ,୧୦।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ଉତ୍ସବରେ ରାଜେଶ ପଟେଲ ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି, ପ୍ରେମାନନ୍ଦ ବାରିକ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ଅନୀଲ କାଲିଆ, ସରୋଜ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶିଶୁମନ୍ଦିରର ଭଉଣୀ ଭାଇମାନେ ଉତ୍ତମ ଚରିତ୍ର ନିର୍ମାଣ ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପରିଚାଳନା କମିଟି ସମ୍ପାଦକ ରମାଇ ଚରଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ତ୍ରିଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଧଉରାଖନ୍ଦାରେ ନାମଯଜ୍ଞ ସମ୍ପନ୍ନ

ବରପାଲି,୧୦।୪(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ବ୍ଲକ ଗୋପାଇପାଲି ପଞ୍ଚାୟତ ଧରଖନ୍ଦା ଗ୍ରାମରେ ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବିଧାୟକ ସୁଶାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସରପଞ୍ଚ ମିତା ପ୍ରଧାନ, ସମିତି ସଭ୍ୟା ଯୋଜନା ମଟାରି, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରପାଲି ସମବାୟ ସମିତି ପ୍ୟାକ୍ସ ସଭାପତି ଗୁରୁ ମେହେର, ରାଜେଶ ବିଭାର, ପୂର୍ଣ୍ଣ ବିଶି, ମହାଦେବ ପ୍ରଧାନ, ସୁବାସ ମଟାରି, ପରେଶ ପାଣ୍ଡେ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ।

# ବୀରେନ୍ଦ୍ର ସଭାପତି, ସୁରେଶ ସମ୍ପାଦକ



କୃଷକ ସଙ୍ଗଠନର ନବନିର୍ବାଚିତ ପ୍ରତିନିଧି ମଣ୍ଡଳୀ।

ସରଣ୍ଡା,୧୦।୪(ଡି.ଏନ.ଏ.)

**ଓଡିଶା ରାଜ୍ୟ କୃଷକ ସଙ୍ଗଠନ ନିର୍ବାଚନ**

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ରେଙ୍ଗାଲିକ୍ୟାମ୍ପ ଶ୍ୟାମ ବଗିଚାରେ ରବିବାର ରାଜ୍ୟ କୃଷକ ସଙ୍ଗଠନ ଅତାବିରା ବ୍ଲକ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତାବିରା ଏନ୍‌ଏସି ସମେତ ବ୍ଲକର ୨୪ଟି ପଞ୍ଚାୟତର ଚାଷୀମାନେ ଯୋଗଦାନ କରିଥିଲେ। ବୈଠକରେ ଆଗାମୀ ୩ବର୍ଷ ପାଇଁ ବ୍ଲକସ୍ତରୀୟ ନୂତନ ଚାଷୀ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ବୀରେନ୍ଦ୍ର କର, ସମ୍ପାଦକ ସୁରେଶ କର୍ଣ୍ଣ, ବିଭିନ୍ନ ଜୋନ୍ ଉପସଭାପତି ଭାବେ ଭୁବନ ପଧାନ, ନରେନ୍ଦ୍ର ପଧାନ, କେ. ଅରୁଣ ପଧାନ, କେ. ରାମବାବୁ ଓ ଅତାବିରା ଏନ୍‌ଏସି ପାଇଁ ଅଶ୍ୱିନୀ ତ୍ରିପାଠୀ ମନୋନିତ ହୋଇଛନ୍ତି। ସେହିପରି ଅଫିସ ସମ୍ପାଦକ ଭାବେ କୀର୍ତ୍ତନ ବିଶ୍ୱାଳ, ମିଡିଆ ପ୍ରଭାରୀ ସୁରେନ୍ଦ୍ର କଠାର, କୋଷାଧ୍ୟକ୍ଷ ସମୀର ପଧାନ, ଉପଦେଷ୍ଟା ମଣ୍ଡଳୀରେ ବୁଦ୍ଧଦେବ ନନ୍ଦ, ଜୟ ବାବୁ, ପାପା ରାଓ, ଟିକେଲାଲ ମିଶ୍ର, ସୁରେନ୍ଦ୍ର ସ୍ୱାଇଁ, ସୁଜିତ ପଧାନ, ଅମୀୟ ଦାସ, ସତ ବାବୁ ପ୍ରମୁଖ ମନୋନିତ ହୋଇଛନ୍ତି। ଆଗାମୀ ଏପ୍ରିଲ ୩୦ରେ ସଙ୍ଗଠନର ବାର୍ଷିକୋତ୍ସବ ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବୁଦ୍ଧଦେବ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

ପଦ୍ମପୁର,୧୦।୪(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଶାସ୍ତ୍ରୀ ଛକରେ ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଏକ କାର୍ ସହ ୨୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ରାଜ୍ୟ ପଟରିଆମାଲର ଭୋପତ ସିଂ, ଥୁହାର ଆକାଶ ସିଂ ଲୋଧି ଏବଂ କରୋଣ୍ଡିର ସୋନେ ସିଂ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତମାନେ।

# କୁମ୍ଭକର୍ଣ୍ଣ, ବୀରବାହୁ ଓ ଇନ୍ଦ୍ରଜିତ ବଧ ମଞ୍ଚସ୍ଥ

ଭେଡ଼େନ,୧୦।୪(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ରବିବାର ଦଶମ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ କୁମ୍ଭକର୍ଣ୍ଣ, ବୀରବାହୁ ଓ ଇନ୍ଦ୍ରଜିତ ବଧ। ନାଟ୍ୟାଭିନୟରେ କୁମ୍ଭକର୍ଣ୍ଣକୁ ନିଦ୍ରାରୁ ଉଠାଇ ରାବଣ ଯୁଦ୍ଧକୁ ପ୍ରେରଣ କରିଛି। ରାମଚନ୍ଦ୍ରଙ୍କ ବ୍ରହ୍ମାସ୍ତ୍ରରେ କୁମ୍ଭକର୍ଣ୍ଣ ନିହତ ହୋଇଛି। ରାବଣର ଅନ୍ୟ ଏକ ପୁତ୍ର ବୀରବାହୁ କୈଳାସ ପର୍ବତରେ ତପସ୍ୟାରତ ଥିବା ବେଳେ ତାକୁ ମଧ ସ୍ମରଣ କରିଛି ରାବଣ। ପିତାଙ୍କ ଡାକରା ପାଇ ବିଷ୍ଣୁଭକ୍ତ ବୀରବାହୁ ଯୁଦ୍ଧକୁ ଯାଇ ସେ ମଧ ରାମଙ୍କ ବାଣରେ ନିହତ ହୋଇ ବୈକୁଣ୍ଠପୁରକୁ ଯାଇଛି। ରାମଙ୍କ ଶରାଘାତରେ ଲଙ୍କାର ଗୋଟିଏ ପରେ ଗୋଟିଏ ବୀର, ମହାବୀର ଶୂନ୍ୟ ହେବା ଦେଖି ରାବଣର ଆଦେଶରେ ଇନ୍ଦ୍ରଜିତ ନିଶାର୍ଦ୍ଧରେ ନିକୁମ୍ଭିଳା ଗଡ଼ରେ ହୋମଯଜ୍ଞ ଆୟୋଜନ କରିଛି। ଏହି ହୋମରୁ ନିର୍ଗତ ଦେବଦଳନ ରଥର ପ୍ରାପ୍ତି ଯେପରି ନ ହେବ ବିଭୀଷଣ ରାମଙ୍କୁ ସୂଚନା ଦେଇଛନ୍ତି। ତେବେ ଲକ୍ଷ୍ମଣଙ୍କ ସାଙ୍ଗରେ ହନୁମାନ, ସୁଗ୍ରୀବ, ବିଭୀଷଣ, ଅଙ୍ଗଦ, ଜାମ୍ବବାନ ଆଦି ବୀର ନିକୁମ୍ଭିଳା ଗଡ଼ରେ ପ୍ରବେଶ କରି ହୋମଯଜ୍ଞ ଧ୍ୱଂସ କରିଛନ୍ତି। ଇନ୍ଦ୍ରଜିତ ନିରସ୍ତ୍ର ଥିବା ସୁଯୋଗକୁ ଅପେକ୍ଷା ନ କରି ଲକ୍ଷ୍ମଣ ଇନ୍ଦ୍ରଜିତକୁ ବଧ କରିଛନ୍ତି। ଇନ୍ଦ୍ରଜିତ ଭଳି ଏକ ମହାନ୍ ଯୋଦ୍ଧା ପୁତ୍ରକୁ ହରାଇ ରାବଣ ଦୁଃଖରେ ଭାଙ୍ଗି ପଡ଼ିଛି। ନିଜ ପୁତ୍ରବଧୂ ପ୍ରମିଳାଙ୍କୁ ରାବଣ ଓ ମନ୍ଦୋଦରୀ ବହୁତ ବୁଝାଇଲା ପରେ ମଧ ସେ ଅଗ୍ନିରେ ଝାସ ଦେଇଛନ୍ତି।



ଗଣ୍ଡତୁରୁମଠାରେ ରାମଲୀଳାର ଏକ ଦୃଶ୍ୟ।

**ଗଣ୍ଡତୁରୁମ ରାମଲୀଳା**